# ବହି ମିଳୁନି; ନାକେଦମ୍ ଛାତ୍ରଛାତ୍ରୀ

ତାଳଚେର, ୨୮ ।୩(ସମିସ)



ନୂଆ ଶିକ୍ଷାବର୍ଷ ଆସନ୍ତା ଏପ୍ରିଲ ୧ ତାରିଖରୁ ଆରମ୍ଭ ହେଉଥିବା ବେଳେ ଏବେ ଛାତ୍ରଛାତ୍ରୀମାନେ ନୂତନ ଶ୍ରେଣୀର ପାଠ୍ୟପୁସ୍ତକ ପାଇବା ପାଇଁ ନାକେଦମ

**● ଚଢ଼ା ଦାମରେ ତାଳଚେର ବଜାରରେ ବିକ୍ରି**

ହେଉଛନ୍ତି। ଏନସିଇଆରଟିର ପର୍ଯ୍ୟାପ୍ତ ପୁସ୍ତକ ତାଳଚେର ବଜାରରେ ଉପଲବ୍ଧ ହେଉ ନଥିବା ବେଳେ ସରକାରଙ୍କ ମାଗଣା ପୁସ୍ତକ ବି ଏପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟରେ ପହଞ୍ଚି ପାରିନାହିଁ। ନୂତନ ଶିକ୍ଷାବର୍ଷରୁ ବିଦ୍ୟାଳୟରେ ପୂରା ଦମରେ ପାଠପଢା ଆରମ୍ଭ ହେବ। ତେଣୁ ଛାତ୍ରଛାତ୍ରୀମାନେ ଏଥିପାଇଁ ନିଜ ନିଜର ବହି ଖରିଦ କରିବାରେ ବ୍ୟସ୍ତ। ତେବେ କେତେକ ଶ୍ରେଣୀର ପୁସ୍ତକରେ ପରିବର୍ତ୍ତନ ହେବାର ସୂଚନା ପାଇବା ପରେ ବହି ଦୋକାନୀମାନେ ଆଉ ସେହିସବୁ ଶ୍ରେଣୀର ବହି ମଗାଉ ନାହାନ୍ତି। ଯେତିକି ବହି ଥିଲା ତାହାକୁ ବି ଲୋକେ କିଣୁ ନାହାନ୍ତି। ଏନସିଇଆରଟି ପାଠ୍ୟକ୍ରମରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସେହିଭଳି ଯେଉଁସବୁ ଶ୍ରେଣୀର ପାଠ୍ୟପୁସ୍ତକରେ ପରିବର୍ତ୍ତନ ହେବନାହିଁ ବୋଲି କୁହାଯାଉଛି, ସେହିସବୁ ବହିକୁ ପିଲାମାନେ ଆଗୁଆ ଖରିଦ କରିନେଇଛନ୍ତି। ବର୍ତ୍ତମାନ ଏନସିଇଆରଟିର ନବମ ଓ ଦଶମ ଶ୍ରେଣୀର ସମସ୍ତ ବହି ଗୋଟିଏ ସ୍ଥାନରେ ମିଳୁନାହିଁ। କେତେକ ଦୋକାନୀ ବି ଖଣ୍ଡେ ଦୁଇଖଣ୍ଡ ପୁସ୍ତକ ଦେବା ବଦଳରେ ସବୁତକ ବହି ନେବାକୁ ବାଧ କରୁଛନ୍ତି। ସେହିଭଳି ସରକାରୀ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ସରକାର ମାଗଣାରେ ପୁସ୍ତକ ଯୋଗାଇଥାନ୍ତି। ସରକାରୀ ବିଦ୍ୟାଳୟଗୁଡିକରେ ମଧ୍ୟ ଚଳିତବର୍ଷ ଏପ୍ରିଲ ପହିଲାରୁ ନୂଆ ଶିକ୍ଷାବର୍ଷ ଆରମ୍ଭ ହେଉଛି। ତେଣୁ ତାହା ପୂର୍ବରୁ ପିଲାଙ୍କ ହାତରେ ବହି ପହଞ୍ଚିବା ଆବଶ୍ୟକ। ହେଲେ ଯାହା ସୂଚନା ମିଳୁଛି, ବର୍ତ୍ତମାନ ସୁଦ୍ଧା ତାଳଚେରର ବହୁ ବିଦ୍ୟାଳୟରେ ମାଗଣା ପାଠ୍ୟପୁସ୍ତକ ପହଞ୍ଚି ପାରିନାହିଁ। ତେବେ ଏପ୍ରିଲ୍ ପ୍ରଥମ ସପ୍ତାହ ସୁଦ୍ଧା ଏହା ମିଳିଯିବ ବୋଲି ଶିକ୍ଷକ ଶିକ୍ଷୟିତ୍ରୀମାନେ ଆଶା ବାନ୍ଧି ବସିଛନ୍ତି। ତେବେ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଯେଉଁ ଛାତ୍ରଛାତ୍ରୀମାନେ ନିଜ ମାତୃଭାଷା ଓଡ଼ିଆରେ ପରୀକ୍ଷା ଦେଉଛନ୍ତି, ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖଣ୍ଡିଏ ସରକାରୀ ବହି ପାଇବା ପାଇଁ ସେମାନେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେହୁରା ହେଉଛନ୍ତି। କାରଣ ସରକାରୀ ପାଠ୍ୟପୁସ୍ତକ ବଜାରରେ ମିଳୁ ନଥିବାରୁ ସେମାନେ ଏହାକୁ ସହଜରେ ପାଉନାହାନ୍ତି। ତେଣୁ ମାତୃଭାଷାରେ ପରୀକ୍ଷା ଦେଉଥିବା ଏଭଳି ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ପାଠ୍ୟପୁସ୍ତକ ଉପଲବ୍ଧ ପାଇଁ ମତପ୍ରକାଶ ପାଉଛି।

## ଡେରା ସରପଞ୍ଚ ଗୀତିଶ ପ୍ରଧାନ ଗିରଫ



**ତାଳଚେର ସଦର ୨୮ ।୩(ସମିସ):** ତାଳଚେର ବ୍ଲକ ଅନ୍ତର୍ଗତ କୋଲିୟରୀ ଥାନା ନିକଟସ୍ଥ ଡେରା ପଞ୍ଚାୟତ ସରପଞ୍ଚ ଗୀତିଶ ପ୍ରଧାନ ସେହି ଅଞ୍ଚଳର ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ନିସ୍ଥୁକ ମାଡ଼ ମାରିବା ଘଟଣାକୁ ନେଇ ଗତକାଲି କୋଲିୟରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାରକରି ପୁଲିସ୍ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଡେରା ସରପଞ୍ଚ ଶ୍ରୀ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ୍ ସୂତ୍ରରୁ ପ୍ରକାଶ। ଡେରା ଅଞ୍ଚଳର ପ୍ରତାପ ଚନ୍ଦ୍ର ପ୍ରଧାନ ଓ ସରପଞ୍ଚ ଶ୍ରୀ ପ୍ରଧାନଙ୍କ ସହ କୌଣସି କାରଣରୁ ବଚସାରୁ ମାରପିଟ୍ ଯାଏ କଥା ଯାଇଥିଲା। ଏହି ଗିରଫ ଘଟଣା ପ୍ରଚାରିତ ହେବାପରେ ସରପଞ୍ଚଙ୍କ ସମର୍ଥକମାନେ ଏକତ୍ରିତ ହୋଇ ଏହାର ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା।

**● କେଜରିୱାଲଙ୍କୁ ଗିରଫର ପ୍ରତିବାଦ**

## ବିଜେପି ଉପରେ ବର୍ଷିଲା ଅନୁଗୋଳ ଆମ୍ ଆଦମୀ ପାର୍ଟି



**ଅନୁଗୋଳ, ୨୮ ।୩(ସମିସ):** ଅରବିନ୍ଦ କେଜରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରିଥିବା ଏବଂ ଅଭିଯୋଗକାରୀଠାରୁ ଚାନ୍ଦା ଆଦାୟ କରିଥିବା ଭାରତୀୟ ଜନତା ପାର୍ଟି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ଅନୁଗୋଳ ଆମ୍ ଆଦମୀ ପାର୍ଟି। ଏନେଇ ଅନୁଗୋଳ ଆମ୍ ଆଦମୀ ପାର୍ଟି ପକ୍ଷରୁ ଏକ ବୈଠକ ଡାକି ବିଜେପି ଉପରେ ବର୍ଷିଛନ୍ତି ସ୍ଥାନୀୟ ନେତୃବୃନ୍ଦ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପ-ସଭାପତି ବିକ୍ରମ କୁମାର ରାଉତ, ଜିଲ୍ଲା ଯୁଗ୍ମ ସମ୍ପାଦକ ସତ୍ୟବାଦୀ ନାହାକ, ଜିଲ୍ଲା ଉପସଭାପତି ଦୋଳଗୋବିନ୍ଦ ମହାପାତ୍ର, ଅନୁଗୋଳ ବିଧାନସଭା ମଣ୍ଡଳୀ ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ପ୍ରିୟବ୍ରତ ପ୍ରଧାନ ଓ ଅନୁଗୋଳ ବ୍ଲକ ସଭାପତି ତୀର୍ଥବାସୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ୟାମ୍ପ୍‌ରେ ପଶି ଶ୍ରମିକଙ୍କୁ ମାଡ଼

**ବଇଣ୍ଡା, ୨୮ ।୩(ସମିସ):** ହଣ୍ଡପା ଥାନା ଗୋଳାସର ଗ୍ରାମରେ ଥିବା ଏକ ଠିକାସଂସ୍ଥାରେ କେଦାରନାଥ ମାଝୀ ଓ ସେମାନଙ୍କର ୨ ଜଣ ଶ୍ରମିକଙ୍କୁ ସେହି ଗ୍ରାମର ବଳରାମ ପ୍ରଧାନ, ମାଧବ ମାଝୀ ଆସି ଶ୍ରମିକ ଓ କେଦାରଙ୍କୁ ମାଡ଼ ମାରିଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନମ୍ବର ୧୨୮/୨୪ ରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ କହିଛି ଯେ, କ୍ୟାମ୍ପରେ କେଦାରଙ୍କ ସହ ୨ ଜଣ ଶ୍ରମିକ ଥିବା ବେଳେ ୨ ଜଣ ଆସି ବିନା କାରଣରେ ମାଡ଼ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି।

## ସଭାପତିଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୨୮ ।୩(ସମିସ):** ଠାକୁରଗଡ଼ ଥାନା ବାଲିପଟା ଚଷା ପୁଞ୍ଜର ସଭାପତି ହେମନ୍ତ ସାହୁଙ୍କୁ ବାଲିପଟା ଗ୍ରାମର ବିଷ୍ଣୁଚରଣ ସାହୁ, ବେଣୁଧର ସାହୁ ଅସଭ୍ୟ ଭାଷାରେ ଗାଳି କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୁଲିସ ଏ ନେଇ ତାଙ୍କ ଅଭିଯୋଗକୁ ଭିତ୍ତି କରି କେସ ନମ୍ବର ୭୨/୨୪ ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ ବାଲିପଟା ଗ୍ରାମର ଚଷା ସମାଜର ବାର୍ଷିକ ବୈଠକ ଚାଲୁଥିବା ବେଳେ ବିଷ୍ଣୁ ଚରଣ ଓ ବେଣୁଧର ଆସି ଉକ୍ତ ବୈଠକ ଗଣ୍ଡଗୋଳ ସୃଷ୍ଟି କରିଥିଲେ। ପରେ ଉକ୍ତ ବୈଠକରେ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି।

## ଯୁବକଙ୍କୁ ଠେଙ୍ଗାରେ ଆକ୍ରମଣ

**ବଇଣ୍ଡା, ୨୮ ।୩(ସମିସ):** କିଶୋରନଗର ବ୍ଲକ ହଣ୍ଡପକ୍ଷ ଥାନା ବଡ଼ବାହାଲ ଗ୍ରାମର ଅଭୟ ସାହୁଙ୍କୁ ସେହି ଗ୍ରାମର ସତ୍ୟ ଦେହୁରୀ, ସୂର୍ଯ୍ୟକାନ୍ତ ଦେହୁରୀ, ଆକାଶ ଦେହୁରୀ, ସନ୍ତୋଷ ଦେହୁରୀ ଏକ ଠେଙ୍ଗାରେ ଆକ୍ରମଣ କରିଛନ୍ତି। ସେ ଘରେ ଥିବା ବେଳେ ପୂର୍ବଶତ୍ରୁତାକୁ ନେଇ ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ନମ୍ବର ୧୨୬/୨୪ ରେ ଏକ ମାମଲା ରୁଜୁ କରିଛି। ଅନ୍ୟ ପଟରେ ଆକାଶଙ୍କ ମା' ସୁଜାତା ଦେହୁରୀ ଏ ନେଇ ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କୁ ଅଭୟ ମାଡ଼ମାରିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିବା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ନମ୍ବର ୧୨୭/୨୪ ରେ ଏକ ମାମଲା ରୁଜୁ କରିଛି।

## ପିତାମ୍ବର ସାହୁଙ୍କ ବିୟୋଗରେ ଶୋକସଭା ପାଳିତ



**ବଇଣ୍ଡା, ୨୮ ।୩(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନାକିଚି ପଞ୍ଚାୟତର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ପିତାମ୍ବର ସାହୁଙ୍କ ପରଲୋକରେ ନାକିଚି ବଜାର କମିଟି ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ କରାଯାଇଛି। ନାକିଚି ଅଞ୍ଚଳରେ ଗଙ୍ଗାଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଗ୍ରାମର ବିଭୁତି ବେହେରା, ମଙ୍ଗୁଳ ବେହେରା, ପିତାମ୍ବର ବେହେରା, ଅଞ୍ଜନ ରାଉଳ, ଭୀମସେନ ସାହୁ, ଶିବରାମ ପ୍ରଧାନ, ସନ୍ତୋଷ ପ୍ରଧାନ, ସୁଜନ ସାହୁ, ଅଜୟ ପ୍ରଧାନ, ପଦ୍ମଲୋଚନ ବେହେରା, ଲମ୍ବୋଦର ସାହୁଙ୍କ ସମେତ ବ୍ୟବସାୟୀମାନେ ଯୋଗ ଦେଇଥିଲେ।

# ସଂଘବଦ୍ଧ ଆକ୍ରମଣରେ ୩ ଗୁରୁତର

**■ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି**





**ଅନୁଗୋଳ, ୨୮ ।୩(ସମିସ):** ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ କୁନ୍ଦନାଳୀ ଗ୍ରାମରେ ଅଭିଷେକ ମିଶ୍ର, ଭରଦ୍ୱାଜ ମହାକୁଡ଼ ଓ ଲିକୁନ ମହାକୁଡ଼ଙ୍କୁ ସେହି ଗ୍ରାମର ୭ ଜଣ ମିଶି ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ପୁଲିସରେ ଅଭିଯୋଗ ହୋଇଥିବା ଜଣାଯାଇଛି। ଅଭିଷେକ, ଭରଦ୍ୱାଜ ଓ ଲିକୁନ ମାଧପୁର ବଜାରରୁ ଅପରାହ୍ନରେ ଘରକୁ ଫେରୁଥିବା ବେଳେ କୁନ୍ଦନାଳୀ ସ୍କୁଲ ଛକ ନିକଟରେ ପୂର୍ବରୁ ସେଠାରେ ଉପସ୍ଥିତ ଥିବା ସୁଦୀପ ପ୍ରଧାନ (କୁନା), ଅଞ୍ଜନ ପ୍ରଧାନ, କାଳିଆ ପ୍ରଧାନ, ଅଶ୍ୱିନୀ ଗୁରାଣ୍ଡି, ନଗେନ ପ୍ରଧାନ (ସିଲୁ), ଅବନୀ ଗୁରାଣ୍ଡି ଓ ଅନୁରାଗ ଗୁରାଣ୍ଡି ସଂଘବଦ୍ଧ ଭାବେ ଠେଙ୍ଗା, ବାଡ଼ି ଓ ମାରଣାସ୍ତ୍ର ଧରି ହଠାତ ଆକ୍ରମଣ କରିଥିଲେ। ଏମାନଙ୍କ ସଂଘବଦ୍ଧ ଆକ୍ରମଣ ଯୋଗୁଁ ଅଭିଷେକର ନାକ ଫାଟି ରକ୍ତସ୍ରାବ ହୋଇଥିବା ବେଳେ ଭରଦ୍ୱାଜର ଛାତି, ଅଣ୍ଟା, ପିଠି, ଗୋଡ଼ରେ ଆଘାତ ଲାଗିଥିଲା। ଲିକୁନକୁ ମାରଣାସ୍ତ୍ରରେ ଆକ୍ରମଣ ଯୋଗୁଁ ତା'ର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏମାନେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଓକିଲ ବୋଲି ଜଣାଯାଇଛି ଓ ସେ କ୍ରିମିନାଲ ବାରର ସଦସ୍ୟ ରହିଛନ୍ତି। ଆହତମାନଙ୍କୁ ଜୀବନରେ ମାରିଦେବାକୁ କହିବା ସହ ତାଙ୍କ ଘର ପୋଡ଼ିଦେଇ ଗାଁରୁ ତଡ଼ିଦେବାକୁ ସେ ସେମାନଙ୍କୁ କହିଥିବା ଅଭିଷେକ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଗ୍ରହଣ କରି ପୁଲିସ ଥାନା କେସ ନମ୍ବର ୧୧୬ ତା. ୨୬ /୩ /୨୪ ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ବେଳେ କାଳିଆ ପ୍ରଧାନକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ହତ୍ୟା ଉଦ୍ୟମ ମାମଲା ଭଳି ସଂଗିନ ଦଫାରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି। କିନ୍ତୁ ଅନ୍ୟ ଜଣେ ଓକିଲ ହୋଇଥିବାରୁ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପାତରନ୍ତର କରୁଥିବା ଅଭିଯୋଗ ହେଉଛି। ଅନ୍ୟ ଅପରାଧୀମାନଙ୍କୁ ପୁଲିସ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି।

## ଆକ୍ସେସ୍ ଟୁ ଜଷ୍ଟିସ୍‌ର ବାର୍ଷିକ ସମୀକ୍ଷା କାର୍ଯ୍ୟକ୍ରମ

**ବଇଣ୍ଡା, ୨୮ ।୩(ସମିସ):** କିଶୋରନଗର ବ୍ଲକ ବଣିନାଳି ବିଶ୍ୱ ଯୁବ କେନ୍ଦ୍ର, ତାଲିମ ଗୃହଠାରେ କୈଳାସ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେସନ ସହାୟତାରେ ପରିଚାଳିତ କାର୍ଯ୍ୟକ୍ରମ ଆକ୍ସେସ ଟୁ ଜଷ୍ଟିସର ବାର୍ଷିକ ସମୀକ୍ଷା ଓ ଅନୁଧ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂସ୍ଥାର ସଦସ୍ୟ-ସମ୍ପାଦକ ତଥା ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମୀକ୍ଷା କାର୍ଯ୍ୟକ୍ରମରେ ଅତିଥି ଭାବରେ ସହ-ସମ୍ପାଦକ କ୍ଷୀରେନ୍ଦ୍ର ମୋହନ ଦେହୁରୀ, ବୋର୍ଡ ସଦସ୍ୟ ବସନ୍ତ ପ୍ରଧାନ, ହର ମୋହନ ମହାପାତ୍ର, କୋଷାଧ୍ୟକ୍ଷ ଭାରତୀ ନାୟକ ଏବଂ ଅନୁଗୋଳ ଓ ଢେଙ୍କାନାଳ ଉଭୟ ଜିଲ୍ଲାର ପ୍ରକଳ୍ପ ସହଯୋଗୀମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଢେଙ୍କାନାଳର ପ୍ରକଳ୍ପ ସହଯୋଗୀ ବନିତା ସାମଲଙ୍କୁ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ତାଙ୍କର ଜୀବନବ୍ୟାପୀ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିବାରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଅଭିବାଦନ ଦିଆଯାଇଥିଲା। ଏହି ଅବସରରେ ମାନସ୍ମିତା ନାୟକଙ୍କୁ ସର୍ବଶ୍ରେଷ୍ଠ ପ୍ରକଳ୍ପ ସହାୟକ ଭାବରେ ଓ ଜ୍ୟୋସ୍ନିତା ପ୍ରଧାନ ଓ ଜୁଲି ସ୍ୱାଇଁଙ୍କୁ ଯୁଗ୍ମଭାବରେ ଦ୍ୱିତୀୟ ଶ୍ରେଷ୍ଠ ପ୍ରକଳ୍ପ ସହାୟକ ଭାବରେ ସମ୍ମାନିତ କରାଯାଇଥିଲା। ଶେଷରେ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।




## ପୋଷ୍ଟାଲ ବାଲଟ୍ ବ୍ୟବସ୍ଥା ସମ୍ପର୍କରେ ପ୍ରସ୍ତୁତି ବୈଠକ



**ଅନୁଗୋଳ, ୨୮ ।୩(ସମିସ):** ଆଜି ପୂର୍ବାହ୍ନରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅଦାଲ ଏମ୍ ଅଖତାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜରୁରୀକାଳୀନ ସେବା କର୍ମଚାରୀଙ୍କ ନିମନ୍ତେ ପୋଷ୍ଟାଲ ବାଲଟ ବ୍ୟବସ୍ଥା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିର୍ବାଚନରେ ମୁଖ୍ୟତଃ ଭୋଟ ଦାନ ଦିବସରେ ନିୟୋଜିତ ହୋଇଥିବା ଜରୁରୀକାଳୀନ ସେବା କର୍ମଚାରୀ ଯଥା ପୁଲିସ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟସେବା, ବିଦ୍ୟୁତ ସେବା, ଓଡ଼ିଶା ରାଜ୍ୟ ପରିବହନ ନିଗମ ଓ ଗଣମାଧ୍ୟମର ପ୍ରତିନିଧି ଆଦିଙ୍କ ନିମନ୍ତେ ପୋଷ୍ଟାଲ ବାଲଟ୍ ବ୍ୟବସ୍ଥା କରାଯିବା ପାଇଁ ଆଲୋଚନା ହୋଇଥିଲା। ଇଚ୍ଛୁକ ଜରୁରୀକାଳୀନ ସେବା କର୍ମଚାରୀ ନିଜ ନିର୍ବାଚନ ମଣ୍ଡଳୀରେ ପୂର୍ବ ନିର୍ଦ୍ଧାରିତ ତାରିଖ, ସ୍ଥାନ ଓ ସମୟରେ ବାଲଟ ଯୋଗେ ଭୋଟ ଦେଇପାରିବେ। ଏହି ସୁଯୋଗର ଉପଯୋଗ କରିବା ନିମନ୍ତେ ଫର୍ମ ୧୨( ଘ ) ଦ୍ୱାରା ନିଜ ବିଭାଗର ନୋଡାଲ ଅଧିକାରୀଙ୍କ ଜରିଆରେ ଆବେଦନ କରିପାରିବେ। ପୋଷ୍ଟାଲ ବାଲଟ ପାଇଁ ଆବେଦନ କରିଥିବା କର୍ମଚାରୀ ଇଭିଏମ୍ ଜରିଆରେ ଭୋଟ ଦେଇପାରିବେ ନାହିଁ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଡେପୁଟି କଲେକ୍ଟର(ନିର୍ବାଚନ) ମମତା ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ, ଜିଲ୍ଲା ସହକାରୀଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି, ଡିଏସ୍ପି (ଡିଆଇବି) ପ୍ରଭାତ କୁମାର ସେଠୀ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖେଳ କୁମାର ପଟ୍ଟନାୟକ, ଟିପିସିଓ ଡିଏମ୍ ର ସହକାରୀ ପରିଚାଳକ ଉମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ମା' ମଙ୍ଗଳା ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ତାଳଚେର, ୨୮ ।୩(ସମିସ):** ତାଳଚେର ବ୍ଲକ ଅନ୍ତର୍ଗତ ଡଆଁରା ଗ୍ରାମ ଗୋଛାୟତ ସାହିରେ ମା' ମଙ୍ଗଳାଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇ ମା' ମଙ୍ଗଳାଙ୍କ ଆଶୀର୍ବାଦ ନେବା ସହ ଜଗତର କଲ୍ୟାଣ ନିମନ୍ତେ କାମନା କରିଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ବିଧାୟକଙ୍କ ସମେତ ଡଆଁରା ପଞ୍ଚାୟତର ଯୁବ ସରପଞ୍ଚ ନନ୍ଦକିଶୋର ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ପ୍ରଧାନ, ୱାର୍ଡ ମେମ୍ବର ପ୍ରଦୀପ କୁମାର ସାହୁ, କୁନା ବିଶ୍ୱାଳ, ଚିନ୍ମୟ କୁମାର ସାହୁ, ଆଶିଷ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଥାଉ କି, ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ୫-ଟି ଅନ୍ତର୍ଗତ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ମା' ମଙ୍ଗଳାଙ୍କ ନବନିର୍ମିତ ମନ୍ଦିର ନିର୍ମାଣ ହୋଇଛି।

# ଦୋଳଯାତ୍ରା ଓ ହୋଲିରେ କଣିହାଁ ଉତ୍ସବମୁଖର

କଣିହାଁ, ୨୮ ।୩(ସମିସ)

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଦୋଳଯାତ୍ରା ଓ ହୋଲି ଉତ୍ସବ ପାଳିତ ହୋଇଯାଇଛି। ବ୍ଲକସ୍ଥ ବଡ଼ଗୁଣ୍ଡୁରି, ପଥରମୁଣ୍ଡା, କରଡ଼େଇ, ବିଜିଗୋଳ, ଏନଟିପିସି ପାଣିପମ୍ପ୍ ହାଇସ୍କୁଲ କଳ୍ପତରୁ ମା' ଭୈରବୀ ଆଶ୍ରମ, ବାରଡ଼ାଙ୍ଗୁଆ, ଦଣ୍ଡସିଂହା, ଖଇରନାଳି, ଗଣ୍ଡବେରଣ, ଜୁଲିବନ୍ଧ, ଗୁଣ୍ଡୁରିନାଳି, ବଡ଼ତ୍ରିବିଡ଼ା, ସାନତ୍ରିବିଡ଼ା, କଂସମୁଣ୍ଡା, ଘଣ୍ଟିଆନାଳି, ବଜ୍ରକୋଟ, ନାଳମ, ବଡ଼ହିରା, ସମଲ, ଦୁମଦୁମା, ସାନହାର, ବଡ଼ହାର ପ୍ରମୁଖ ଗ୍ରାମାଞ୍ଚଳରେ ଦୋଳଯାତ୍ରା ପାଳିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ରାଧା, କୃଷ୍ଣ ଯୁଗଳ ପ୍ରତିମୂର୍ତ୍ତିକୁ ସୁସଜ୍ଜିତ କରି ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା। ଆସିଥିବା ଗୋପାଳ ସମ୍ପ୍ରଦାୟଙ୍କ ପକ୍ଷରୁ ଲଉଡ଼ିବାଡ଼ି ଖେଳ ବେଶ୍ ଆକର୍ଷଣ ସାଜିଥିଲା। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଗୁଣ୍ଡୁରିନାଳିରେ ମହିଳା ପାଲା(ଗାୟିକା ଜ୍ଞାନ ଭାରତୀ କୁମାରୀ ବିନୋଦୀନି ମହାରଣା ଓ ବଳଭଦ୍ର ଜେନା), ଘଣ୍ଟିଆନାଳିରେ ମେଲୋଡି, ବଡ଼ଗୁଣ୍ଡୁରିରେ ଗାଁ ଯୁବପିଢିଙ୍କ ପକ୍ଷରୁ ନାଟକ ଓ ଗଣ୍ଡବେରଣାରେ ରାମଲିଳା ପରିବେଷଣ କରାଯାଇଥିଲା। ସେହିପରି ପଥରମୁଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ସଙ୍ଗୀତ ଶୁଣିବାକୁ ଦର୍ଶକଙ୍କ ଭିଡ଼ ଜମିଥିଲା ବେଳେ ଦ୍ୱିତୀୟ ଦିନରେ ଗ୍ରାମବାସୀଙ୍କ ପକ୍ଷରୁ ବରଗଡ଼ ଜିଲ୍ଲାର ମହିଳାବାଦ ଦଣ୍ଡରେ ହଜାର ହଜାର ଦର୍ଶକ ଭିଡ଼ ଜମିଥିଲା। କମରେଇ ପଞ୍ଚାୟତ ଖଇରନାଳି ଓ ଗଣ୍ଡବେରଣା ଗ୍ରାମବାସୀଙ୍କ ପକ୍ଷରୁ ଶ୍ରୀ ଶ୍ରୀ ଦୋଳଗୋବିନ୍ଦ ମହାପ୍ରଭୁଙ୍କ ଦୋଳଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଖଇରନାଳି ଓ ଗଣ୍ଡବେରଣା ଗୋପାଳ ସମିତି ପକ୍ଷରୁ ରାଧାକୃଷ୍ଣ ମହାପ୍ରଭୁଙ୍କ ଚାଞ୍ଚେରୀ ଖେଳ, ଓ ମହାପ୍ରଭୁ ଦୋଳ ମଣ୍ଡପକୁ ବିଜେ, ସଂଧ୍ୟାରେ ପ୍ରସେସନ ଓ ରାତିରେ ହଜାର ହଜାର ଦର୍ଶକ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ରାଧାକୃଷ୍ଣଙ୍କ ଯୁଗୋଳ ବିଗ୍ରହଙ୍କୁ ଏକ ସୁସଜ୍ଜିତ ବିମାନରେ ନିଆଯାଇ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା।



ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ପ୍ରଫୁଲ୍ଲ କୁମାର ମଲ୍ଲିକ୍
ଆବିର୍ଭାବ: ୨୩.୦୭.୧୯୬୪
ତିରୋଧାନ: ୧୫.୦୩.୨୦୨୪

ସୂଚନା ଓ ଲୋକସମ୍ପର୍କ ବିଭାଗର ଆପଣ ଥିଲେ ଜଣେ ଦକ୍ଷ ଅଧିକାରୀ। ଆପଣଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ଆପଣଙ୍କ ସରଳ ଅମାୟିକ ବ୍ୟବହାର, କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟଦକ୍ଷତା ପାଇଁ ଆପଣ ସର୍ବଦା ସ୍ମରଣୀୟ ହୋଇ ରହିବେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:
ପରିବାରବର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀ ବୃନ୍ଦ।

## ବିଜେଡିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା

# ଧ୍ରୁବ ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

**ରାଜନଗର, ୨୮।୩ (ସମିସ)**



ଶାସକ ବିଜୁ ଜନତା ଦଳ ରାଜନଗର ବିଧାନସଭା କ୍ଷେତ୍ର ପାଇଁ ବର୍ତ୍ତମାନର ବିଧାୟକ ଧ୍ରୁବ ସାହୁଙ୍କୁ ପୁନର୍ବାର ପ୍ରାର୍ଥୀ କରିଥିବା ବେଳେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କୁ କେନ୍ଦ୍ରାପଡା ଲୋକସଭା ଆସନରୁ ପ୍ରାର୍ଥୀ କରିଛି। ରାଜନଗର ନିର୍ବାଚନ ମଣ୍ଡଳୀର ଦୁଇ ଦୁଇ ଜଣ ନେତୃତ୍ୱ ଟିକେଟ ପାଇବା ପରେ ସମଗ୍ର ରାଜନଗର ନିର୍ବାଚନମଣ୍ଡଳୀରେ ଅଦିନିଆ ଦୀପାବଳି ପାଳନ କରାଯାଇଛି। ଗତକାଲି ଟିକେଟ ଘୋଷଣା ହେବା ପରଠାରୁ ବିଭିନ୍ନ ପଞ୍ଚାୟତରେ କର୍ମୀମାନେ ପରସ୍ପରକୁ ମିଠା ଖୁଆଇ ଉତ୍ସବ ମନାଉଛନ୍ତି। ରାଜନଗରରେ ବିଜେଡି ଦୃଢ ସ୍ଥିତିରେ ଥିବା ବେଳେ ମୁଖ୍ୟ ବିରୋଧି ଦଳ କଂଗ୍ରେସର ନେତୃତ୍ୱ ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ତାଙ୍କ ସମର୍ଥକଙ୍କ ସହ ବିଜେଡିରେ ମିଶିବା ପରେ ନିର୍ବାଚନମଣ୍ଡଳୀରେ ବିଜେଡି ସୁବିଧାଜନକ ସ୍ଥିତିରେ ଅଛି। ଗତକାଲି ଟିକେଟ ମିଳିବା ପରେ ବ୍ଲକ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବିଜେଡି କର୍ମୀମାନେ ବାଜା ବଜାଇ ବାଣ ଫୁଟାଇ ଉତ୍ସବ ମନାଇଥିଲେ। ଆଜି ମଧ୍ୟ ତାଳଚୁଆ, ବାଘମାରୀ, କେରୁଆଁପାଳ, ଗଂଗଣୀ, ଡାଙ୍ଗମାଳ ପ୍ରଭୃତି ପଞ୍ଚାୟତରେ କର୍ମୀମାନେ ଉତ୍ସବ ମନାଇଛନ୍ତି। ଏଥିସହ ବିଭିନ୍ନ ସଂଗଠନ ଓ ପଞ୍ଚାୟତର ଛାମୁଆ କର୍ମୀମାନେ ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀଙ୍କୁ ଭୁବନେଶ୍ୱରରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ବ୍ଲକ ବିଜେଡି କାର୍ଯ୍ୟାଳୟରେ ବ୍ଲକ ବିଜେଡି ସଭାପତି ନିରଂଜନ ରାଉତ, ଜିଲ୍ଲା ବିଜେଡି ଉପସଭାପତି ଗୋବର୍ଦ୍ଧନ ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକ, ସୁବାଷ ଚନ୍ଦ୍ର ଦାଶ, ସରପଞ୍ଚ ଅଶୋକ କୁମାର ମହାନ୍ତି, ସମିତିସଭ୍ୟ ରବିନ ମଲ୍ଲିକ, ସଂଜୟ ସ୍ୱାଇଁ, ଆର୍ତବନ୍ଧୁ ମହାନ୍ତି, ବିଜେଡି ନେତା ନରହରି ଜେନା, ପ୍ରମୋଦ କୁମାର ପ୍ରଧାନ, ବିଜ୍ଞାନ ରଞ୍ଜନ ଜେନା, ହିମାଂଶୁ ପାଣି, ଶ୍ରୀକାନ୍ତ କୁମାର ପ୍ରଧାନ, ବୀର କିଶୋର ମହାନ୍ତି, ପ୍ରଦୀପ କୁମାର ଲେଙ୍କା, କ୍ଷୀରୋଦ କୁମାର ରାଉତ, ଗଙ୍ଗାଧର ରାଉତ, ସରୋଜ କୁମାର ରାଉତ, ସୁବାଷ ଜେନା, ବସନ୍ତ କୁମାର ରାଉତ, ରାକେଶ ନାୟକ, ନାରାୟଣ ଦାସ, ଧର୍ମାନନ୍ଦ ପରିଡା, ବାବୁ ବିଶ୍ୱାଳ, ତ୍ରିଲୋଚନ ସାହୁ, ସର୍ବେଶ୍ୱର ମହାନ୍ତି, ପ୍ରଭାତ କୁମାର ପ୍ରଧାନ, ସର୍ବେଶ୍ୱର ସାମଲ, ରମେଶ ଚନ୍ଦ୍ର ବିଶ୍ୱାଳ, ନରେଶ ବେହେରା, ରଂଜନ କୁମାର ଜେନା, ବିଜୟ କୁମାର ଦାସ ପ୍ରମୁଖ ଶତାଧିକ କର୍ମୀ ଉତ୍ସବ ମନାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ସଚିବ ଭିକେ ପାଣ୍ଡିଆନ, ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲାର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ କୁମାର ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଳଚୁଆ ଠାରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆଙ୍କ ସହିତ ୭ଟି ପଞ୍ଚାୟତର ଛାମୁଆ କର୍ମୀମାନେ ଉତ୍ସବ ମନାଇବା ସହ ପରସ୍ପରକୁ ମିଠା ଖୁଆଇଛନ୍ତି। ଯାଦବ ମହାସଂଘର କର୍ମକର୍ତ୍ତାମାନେ ବିଧାୟକଙ୍କ ପ୍ରାର୍ଥୀତ୍ୱକୁ ସ୍ୱାଗତ କରି ଶୁଭେଚ୍ଛା ଜଣାଇଛନ୍ତି। ଟିକେଟ ମିଳିବା ପରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କ ଭରଷା କରି ତାଙ୍କୁ ପୁନଃର୍ବାର ସୁଯୋଗ ଦେଇଥିବାରୁ କୃତଜ୍ଞତା ଜଣାଇଛନ୍ତି। ଅଂଶୁମାନ ମହାନ୍ତି କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ପାଇଁ ବିଜୁ ଜନତା ଦଳରୁ ଟିକେଟ ପାଇବା ପରେ କେନ୍ଦ୍ରାପଡା ଭଳି ଏକ ମର୍ଯ୍ୟାଦାଜନକ ଆସନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ନବୀନ ବାବୁଙ୍କ ସ୍ୱପ୍ନକୁ ସାକାର କରିବା ସହିତ କେନ୍ଦ୍ରାପଡାର ପ୍ରଗତିକୁ ଦ୍ୱିଗୁଣିତ କରିବା ପାଇଁ ନବୀନ ବାବୁ ସୁଯୋଗ ଦେଇଛନ୍ତି। ଆଗରୁ ରାଜନଗର ଓ ପଟ୍ଟାମୁଣ୍ଡାଇବାସୀଙ୍କ ସେବା କରି ଆସୁଥିଲି, ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡାବାସୀଙ୍କ ସହିତ ମାହାଙ୍ଗା ଓ ସାଲେପୁର ବାସୀଙ୍କ ସେବା କରିବାର ସୁଯୋଗ ଦେଇଛନ୍ତି। ଆଶା କରୁଛି କେନ୍ଦ୍ରାପଡା, ମାହାଙ୍ଗା ଓ ସାଲେପୁର ବାସୀ ଆଶ୍ରୀର୍ବାଦ ଦେବେ ଓ ସ୍ନେହ ଶ୍ରଦ୍ଧା ଅଜାଡି ଦେବେ ବୋଲି କହିଛନ୍ତି।

## କରତକଳରେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ଡେରାବିଶ,୨୮।୩(ସମିସ):** ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁରଠାରେ ଥିବା ଶିଳ୍ପାଞ୍ଚଳରେ ଥିବା ଏକ କରତ କଳରେ ବୁଧବାର ସନ୍ଧ୍ୟାରେ ଜଣେ ଶ୍ରମିକଙ୍କର ସନ୍ଦେହନଜକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଲେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଭାଗବତପୁର ପଞ୍ଚାୟତ ପଟକୁରା ଗ୍ରାମର ଆଦିକନ୍ଦ ଜେନା (୫୭)। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ଡେରାବିଶ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଆଦିକନ୍ଦଙ୍କ ଶବକୁ ଜବତ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ



**ପଞ୍ଚୁପାଣ୍ଡବ, ୨୮।୩ (ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ଗ୍ରାମର ଅନୀଲ କୁମାର ପତି (୩୬)ଙ୍କର ହୃଦ୍‌ଘାତରେ ବିୟୋଗ ଘଟିଛି। ସେ ଘରେଥିବା ସମୟରେ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ତାଙ୍କୁ ପରିବାର ଲୋକମାନେ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରକାଶ ପାଇବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନୀଲଙ୍କର ୯ ବର୍ଷର ଗୋଟିଏ ଝିଅ ୧ ବର୍ଷର ଗୋଟିଏ ପୁଅ ରହିଥିବା ବେଳେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ତାଙ୍କ ପରିବାର ଲୋକ ଭାଙ୍ଗିପଡ଼ିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ସମ୍ପର୍କୀୟ ଭାଇ ଅଂଶୁମାନ ମୁଖାଗ୍ନି ଦେଇଥିଲେ।

## ଧ୍ରୁବ ଓ ଅଂଶୁମାନଙ୍କ ପ୍ରାର୍ଥିତ୍ୱକୁ ସ୍ୱାଗତ, ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ପଟ୍ଟାମୁଣ୍ଡାଇ,୨୮।୩(ସମିସ):** ରାଜ୍ୟ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ପୁନର୍ବାର ବିଧାୟକ ପ୍ରାର୍ଥୀ ଓ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କୁ ମର୍ଯ୍ୟାଦାଜନକ କେନ୍ଦ୍ରାପଡ଼ା ଲୋକସଭା ଆସନର ପ୍ରାର୍ଥୀ ଭାବେ ଚୟନ କରିବା ସହିତ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ଉଭୟ କେନ୍ଦ୍ରାପଡ଼ା ଲୋକସଭା ଓ ରାଜନଗର ବିଧାନସଭା ଆସନ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ କର୍ମଭୂମି ଓ ଅଣକଂଗ୍ରେସ ରାଜନୀତିର ଅଭେଦ୍ୟ ଦୁର୍ଗ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଓ ବିଜେଡି ସୁପ୍ରିମୋ କେନ୍ଦ୍ରାପଡ଼ା ଓ ରାଜନଗରର ବିକାଶଧାରାକୁ ଆହୁରି ଆଗକୁ ନେବା ପାଇଁ ଉଭୟ ଆସନରେ ଉପଯୁକ୍ତ ପ୍ରାର୍ଥୀ ଚୟନ କରିଛନ୍ତି ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରକାଶ କରିଛନ୍ତି। ଉଭୟ ଧ୍ରୁବ ଓ ଅଂଶୁମାନଙ୍କ ପ୍ରାର୍ଥୀତ୍ୱକୁ ବ୍ଲକ ଅଧ୍ୟକ୍ଷ ଶ୍ରୀ ସାମନ୍ତରାୟ ସ୍ୱାଗତ କରିବା ସହିତ ଏଥି ପାଇଁ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ ଭି.କେ ପାଣ୍ଡିଆନଙ୍କୁ ପଟ୍ଟାମୁଣ୍ଡାଇବାସୀଙ୍କ ପକ୍ଷରୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଅରବିନ୍ଦଙ୍କୁ ଟିକଟ ମିଳିବା ପରେ ପାଟକୁରା ବିଜେଡି କର୍ମୀ ଉତ୍ସାହିତ



**ଗରଦପୁର,୨୮।୩(ସମିସ):** ବହୁ ଚର୍ଚ୍ଚିତ ପାଟକୁରା ନିର୍ବାଚନ ମଣ୍ଡଳୀରେ ଯୁବ ଚେହେରା ଭାବେ ବିଜୁ ଜନତା ଦଳ ନୂତନ ପ୍ରାର୍ଥୀ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କୁ ଦଳୀୟ ଟିକେଟ ଘୋଷଣା ପରେ ପାଟକୁରା ରାଜନୀତି ମହଲରେ ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି। ବିଜେଡ଼ି ସମର୍ଥକ ଏବଂ ଅରବିନ୍ଦଙ୍କ ଶୁଭେଚ୍ଛୁ ପାଟକୁରାର ବିଭିନ୍ନ ସ୍ଥାନରେ ଅରବିନ୍ଦଙ୍କୁ ଦଳୀୟ ପ୍ରାର୍ଥୀ ପାଇଁ ଘୋଷଣା ହେବା ପରେ ବାଣ ଫୁଟାଇ ଉତ୍ସବ ପାଳନ କରିବା ସହିତ ଅରବିନ୍ଦଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି।

## ଡାକ୍ତର ଦାମୋଦର ରାଉତଙ୍କ ସ୍ମୃତିସଭା

**କେନ୍ଦ୍ରାପଡ଼ା,୨୮।୩(ସମିସ):** କେନ୍ଦ୍ରାପଡା ସହରର ନୂଆ ବସଷ୍ଟାଣ୍ଡସ୍ଥିତ ହୋଟେଲ ରିଭରଭ୍ୟୁ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡା କ୍ଷତ୍ରୀୟ ଖଣ୍ଡାୟତ ମହାସଙ୍ଘ ତରଫରୁ ପୂର୍ବତନ ମନ୍ତ୍ରୀ ତଥା ଅଭିଜ୍ଞ ଓ ସ୍ପଷ୍ଟବାଦୀ ରାଜନେତା ଡାକ୍ତର ଦାମୋଦର ରାଉତଙ୍କ ବିୟୋଗରେ ସ୍ମୃତିଚାରଣ ସଭା ସଭାପତି ଶରତ କୁମାର ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ସ୍ୱର୍ଗତ ରାଉତଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଉପସ୍ଥିତ ସମସ୍ତ ସଦସ୍ୟମାନେ ୨ମିନିଟ ନିରବ ପ୍ରାର୍ଥନା କରିଥିଲେ ଏବଂ ସଭାପତିଙ୍କ ଅଭିଭାଷଣକ୍ରମେ ସ୍ୱର୍ଗତ ରାଉତଙ୍କ ଜୀବନ ଆଦର୍ଶ ଓ ନିର୍ଭିକତାର ପରିଚୟ ସହିତ ଦୁର୍ନୀତିକୁ ପ୍ରତିରୋଧ କରିଥିଲେ ବୋଲି ଆଲୋକପାତ କରାଯାଇଥିଲା।





ଅନ୍ୟମାନଙ୍କ ମଧ୍ୟରେ ସୁମନ୍ତ ରାଉତ, ଗୋଲକଚନ୍ଦ୍ର ପଢିଆରୀ, ଚନ୍ଦନ ପରିଡା, ଚୈତନ୍ୟ ଚରଣ ପରିଡା, ଶାନ୍ତିସ୍ୱରୂପ ଭୂୟାଁ, ଉମାକାନ୍ତ ବଳ, ଗଙ୍ଗାଧର ପରିଡା, ନରୋତ୍ତମ ପରିଡା, ଦିଲ୍ଲିପ କୁମାର ଜେନା, ସଂଗ୍ରାମକେଶରୀ ଜେନା, ଦିଲ୍ଲିପ ରାଉତ, ଧନେଶ୍ୱର ରାଉତ, ଭାଗିରଥି ଜେନା, ଗୋଲେଖ ଚନ୍ଦ୍ର ପରିଡା, ବିଶ୍ୱଜିତ ରାୟ, ତରୁଣ ପ୍ରଧାନ, ମାନସ ରାଉତରାୟ, ପୀତବାସ ବେହେରା, ପ୍ରଣବ କୁମାର ଦାସ, ବିନୋଦ ବିହାରୀ ପରିଡା, ସୁମନ୍ତ ପାତ୍ର, ଅଭୟ ସ୍ୱାଇଁ, ରଞ୍ଜନ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ରାଉତଙ୍କ ଜୀବନୀ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଓ ଶ୍ରଦ୍ଧାଞ୍ଜଳି ପୂର୍ବକ ଅତି ଦୁଃଖଦ ସମୟରେ ଇଶ୍ୱର ତାଙ୍କ ପରିବାର ପ୍ରତି ସହାୟ ହୁଅନ୍ତୁ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ଭାରିଗୋଳ ତୋଟା ମେଳଣ ଓ ସମ୍ବର୍ଦ୍ଧନା ଉତ୍ସବ



**ଡେରାବିଶ,୨୮।୩ (ସମିସ):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣଖଣ୍ଡ ଭୋଳସ୍ଥିତ ଭାରିଗୋଳ ତୋଟାରେ ହୋଲି ଅବସରରେ ତୋଟା ମେଳଣ ସମ୍ପନ୍ନ ହୋଇଛି। ଦୀର୍ଘ ୪୨ ବର୍ଷ ଧରି ଅନୁଷ୍ଠିତ ହେଉଥିବା ଏହି ମେଳଣରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମିତ ଚାନ୍ଦୋଳ ଫାଣ୍ଡି ଏଏସ୍‌ଆଇ ସୁନୀଲ କୁମାର ସେଠୀ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥୀଙ୍କ ସଂଯୋଜନାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ ବଡ଼ବେତରା ସରପଞ୍ଚ ସଂଯୁକ୍ତା ମହାପାତ୍ର, ସମ୍ମାନିତ ଅତିଥି ଭାବେ କିଶୋର ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରେ ମେଳଣ କମିଟି ତରଫରୁ ଅଧ୍ୟାପକ ଶତପଥୀ, ସରପଞ୍ଚ ଶ୍ରୀମତୀ ମହାପାତ୍ର, ଏଏସ୍‌ଆଇ ଶ୍ରୀ ସେଠୀଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମେଳଣ କମିଟି ସଭାପତି ରବିନ୍ଦ୍ର ନାଥ ମଲିକ, ସମ୍ପାଦକ ପିତାମ୍ବର ମଲିକ, ଉପସଭାପତି ତ୍ରିଲୋଚନ ମଲିକ, କୋଷାଧ୍ୟକ୍ଷ ପୁରୁଷୋତ୍ତମ ମଲିକ ଏବଂ ସହସମ୍ପାଦକ ଦଶାନନ ମଲିକ ମେଳଣ ପରିଚାଳନାରେ ସହଯୋଗ କରିଥଲେ।

## ଡେରାବିଶରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ଡେରାବିଶ,୨୮।୩ (ସମିସ):** ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଥାନା ଅଞ୍ଚଳରେ ଥିବା ବିଭିନ୍ନ ସମ୍ବେଦନଶୀଳସ୍ଥାନ ମାନଙ୍କରେ ପୁଲିସ ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ଭାଜନ ପାଇଁ ବିଭିନ୍ନ ସ୍ଥାନରେ ଆଜି ଫ୍ଲାଗ ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ କିଶୋର ଚନ୍ଦ୍ର ତରାଇଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଥାନା ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତର ଡେରାବିଶ ବଜାର, ଦୁମୁକାହାଟ, ତିଳକପୁର ସମେତ ଚାଟରାଚକଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ରଘୁଦେଇପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆଜିଫ୍ଲାଗ ମାର୍ଚ୍ଚ କରାଯାଇଥିବା ଦେଖିବାକୁ ମିଳିଛି। ଏହି ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ କରିବା ପାଇଁ ଥାନା ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମଗୁଡ଼ିକରେ ଆଇନଶୃଙ୍ଖଳା ପରିସ୍ଥିତିକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ତରାଇ ସୂଚନା ଦେଇଛନ୍ତି।



### ହୋଲିକୁ ନେଇ ଗାଁରୁ ସହର ଉତ୍ସବମୁଖର; ଜମୁଛି ଲଉଡ଼ି ଖେଳ

## କେନ୍ଦ୍ରାପଡ଼ା ସହରରେ ଶନିବାର ହୋଲି ପାଳନ



**କେନ୍ଦ୍ରାପଡ଼ା,୨୮।୩(ସମିସ):** ଭାରତ ବର୍ଷର ସବୁ ସମ୍ପ୍ରଦାୟ ଲୋକେ ହୋଲିକୁ ଆନନ୍ଦ ଓ ଭାତୃତ୍ୱର ଗଣ ଉତ୍ସବ ଭାବେ ପାଳନ କରିଥାନ୍ତି। ଗାଁଠୁ ସହର ସବୁଠି ପରସ୍ପରକୁ ରଙ୍ଗ ଲଗାଇ ହୋଲିର ଶୁଭେଚ୍ଛା ଜଣାଉଛନ୍ତି। ସବୁଠି ରଙ୍ଗର ମାହୋଲ ଜମୁଛି। ସ୍ନେହ ଓ ପ୍ରେମର ରଙ୍ଗ ଲଗାଇ ସମ୍ପର୍କର ସୁତାକୁ ମଜବୁତ କରୁଛନ୍ତି। ମିଠା ଦେଇ ସାଙ୍ଗ, ସାଥୀ, ଭାଇ ଓ ଭଉଣୀ ମନ ଜିଣୁଛନ୍ତି । ହୋଲି ରଙ୍ଗରେ ସାରା ରାଜ୍ୟ ରଙ୍ଗେଇ ହୋଇଛି । ରଙ୍ଗର ଏହି ପର୍ବକୁ ବିଭିନ୍ନ ସ୍ଥାନରେ ଖୁବ ଧୁମଧାମରେ ପାଳନ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ କିଛି ନିଆରା ଦୃଶ୍ୟ ଦେଖିବାକୁ ମିଳିଛି ।ଆଧୁନିକତାର ସ୍ୱର୍ଶ ସତ୍ତ୍ୱେ ଆଜି ବି ମଉଳି ଯାଇନି ଯାଦବ ସମ୍ପ୍ରଦାୟର ପାରମ୍ପରିକ ଲୋକନୃତ୍ୟ ଲଉଡ଼ି ଖେଳ । ଫଗୁଣ ମାସ ଆସିଲାମାତ୍ରେ ସମସ୍ତେ ରାଧାକୃଷ୍ଣଙ୍କ ସହ ହୋଲି ଖେଳିବାକୁ ଲାଗିପଡ଼ନ୍ତି । ରାଧାକୃଷ୍ଣ ବେଶରେ ପିଲାମାନେ ସଜେଇ ହୁଅନ୍ତି ।ଆଉ ଲଉଡ଼ି ଖେଳକୁ ବାହାରିପଡନ୍ତି । କୁନି କୁନି ପିଲାଙ୍କ ସେ ଅପୂର୍ବ ଏହି ଲଉଡ଼ି ଖେଳକୁ ଦେଖିବା ଲାଗି ବେଶ ଭିଡ ପରିଲକ୍ଷିତ ହୋଇଥାଏ ।ଗାଁର ପ୍ରତ୍ୟେକ ଯାଦବ ସମ୍ପ୍ରଦାୟର ପିଲା ଠୁଁ ବୃଦ୍ଧ ଯାଏ ନିଜକୁ ଏହି ଲଉଡ଼ି ଖେଳରେ ହଜେଇ ଦିଅନ୍ତି । ଏହି ଦିନ ଯିଏ ଯେତେ ଦୂରରେ ଥିଲେ ମଧ୍ୟ ଧାଇଁ ନିଜ ଗାଁ ମାଟିକୁ ଆସନ୍ତି ।ରଙ୍ଗବେରଙ୍ଗ ଫଗୁରେ ରଙ୍ଗାୟିତ ହୋଇପଡନ୍ତି ।ହଜାର ହଜାର ଶ୍ରଦ୍ଧାଳୁ ଏକାଠି ହୋଇ କୃଷ୍ଣ ଭକ୍ତିରେ ଲୀନ ହୋଇ ହୋଲି ଖେଳରେ ମାତିଥିବା ଦେଖିବାକୁ ମିଳିଥିଲା । ହେଲେ ହୋଲି ଖେଳ ଆସନ୍ତା ଶନିବାର କେନ୍ଦ୍ରାପଡ଼ା ସହରରେ ଅନୁଷ୍ଠିତ ହେବାକୁ ଯାଉଛି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ



**ଡେରାବିଶ,୨୮।୩(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା (୯୩)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ପଣ୍ଡା ରାଜକନିକା ବ୍ଲକରୁ ତାଙ୍କର ଶିକ୍ଷକତା ଜୀବନ ଆରମ୍ଭ କରି ଡେରାବିଶ ବ୍ଲକର ବସପୁର ପ୍ରାଇମେରୀ, ଇନ୍ଦାଳୋ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ, ରତାଦିଆ ପ୍ରାଥମିକ ବିଦ୍ୟାଳୟ ଓ ଶେଷରେ ଆରିପଦା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରୁ ଅବସର ନେଇଥିଲେ। ଅବସର ପରେ ଦୀର୍ଘ ବର୍ଷ ଧରି ଏହି ପଞ୍ଚୟତ ଅନ୍ତର୍ଗତ ଦକ୍ଷବ୍ରହ୍ମପୁର ଗ୍ରାମସ୍ଥିତ ରାିଘୁନାଥଜୀଉ ମନ୍ଦିରର ଟ୍ରଷ୍ଟି ଭାବେ କାର୍ଯ୍ୟ ସୁଚାରୁରୂପେ ତୁଲାଇଥିଲେ। ବିଶେଷ କରି ଦୋଳ ମେଳଣରେ ଦୋଳ ଗୀତ ଗାଇବାରେ ତାଙ୍କର ଯଥେଷ୍ଟ ସୁନାମ ରହିଛି। ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବରେ ଅଞ୍ଚଳରେ ସୁନାମ ଥିଲା ବେଳେ ତାଙ୍କ ପରଲୋକ ଖବର ପାଇ ଅଞ୍ଚଳର ବହୁ ଛାତ୍ର ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ ପୁଅ ଶିକ୍ଷକ ସାନ୍ତନୁ କୁମାର ପଣ୍ଡା ମୁଖାଗ୍ନି ଦେଇଥିବା ବେଳେ ଅନ୍ୟ ଦୁଇପୁଅ, ବୋହୂ, ନାତି ନାତୁଣୀ ଉପସ୍ଥିତ ରହିଥିଲେ। ତାଙ୍କର ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**କେନ୍ଦ୍ରାପଡ଼ା,୨୮।୩(ସମିସ):** କେନ୍ଦ୍ରାପଡା ସହରର ଭଗେଶ୍ୱରପୁରସ୍ଥିତ ବାସ ଭବନରେ ଜଣାଶୁଣା ଧର୍ମପ୍ରାଣା ମହିଳା ଶୁଭାସିନୀ ସ୍ୱାଇଁ(୯୫)ଙ୍କ ଆଜି ଦିନ ୧ଟା ସମୟରେ ପରଲୋକ ହୋଇଯାଇଛି। ତାଙ୍କର ସ୍ୱାମୀ ସ୍ୱର୍ଗତ ଡଃ ରଙ୍ଗାଧର ସ୍ୱାଇଁ ସ୍ଥାନୀୟ ହୋମିଓପ୍ୟାଥିକ୍ ଡାକ୍ତରଖାନାର ଚିକିତ୍ସକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ମୃତ୍ୟୁ ସମୟରେ ଏକମାତ୍ର ପୁତ୍ର ଆଇନଜୀବୀ ନିତ୍ୟାନନ୍ଦ ସ୍ୱାଇଁ, ପୁତ୍ରବଧୂ ମିତା ସ୍ୱାଇଁ, ଝିଅ ଗୌରୀ ସ୍ୱାଇଁ, ଜ୍ୱାଇଁ ଅହେନ୍ଦ୍ର ବିଶ୍ୱାଳ, ନାତି ଆଇନଜୀବୀ ସମୀର ରଞ୍ଜନ ସ୍ୱାଇଁ, ମାନସ ରଞ୍ଜନ ସ୍ୱାଇଁ ଓ ଆତ୍ମିୟସ୍ୱଜନ, ପରିବାରବର୍ଗ ଉପସ୍ଥିତ ଥିଲେ। ମୃତ୍ୟୁ ସମ୍ବାଦ ପାଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବାବେଳେ କେନ୍ଦ୍ରାପଡା ଓକିଲ ସଂଘର ପୂର୍ବତନ ସଭାପତି ଧ୍ରୁବ ଚରଣ ଜେନା, ସରୋଜ ରାଜ ସିଂହ, ପୂର୍ବତନ ପୌରାଧ୍ୟକ୍ଷା ବିଜେଡି ଜିଲ୍ଲା ସଭାପତି ଧିରେନ ସାହୁ, ଆଇନଜୀବୀ ଚନ୍ଦ୍ରଭାନୁ ବରାଳ, ଅକ୍ଷୟ କୁମାର ନାଥ, ନେହେରୁ ସାହୁ, ଦିନେଶ ରାଜ ସିଂହ, ଓଡିଶା ମୋ ପରିବାରର ସଂଯୋଜକ ହିରଣ୍ୟ ପଣ୍ଡା ପ୍ରମୁଖ ବହୁ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା କରାଯାଇ ପୁତ୍ର ନିତ୍ୟାନନ୍ଦ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ଶେଷହେଲା ପ୍ରସିଦ୍ଧ ହରିଅଙ୍କ ମେଳଣ



**ଡେରାବିଶ, ୨୮।୩ (ସମିସ):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ମେଳଣ ଅଞ୍ଚଳରେ ବହୁ ପ୍ରାଚୀନ ମେଳଣ ହରିଅଙ୍କ ମେଳଣଭାବେ ଖ୍ୟାତ। ଫାଲଗୁନ ପୂର୍ଣ୍ଣିମା ତିଥିର ରାତିରେ ଏହି ମେଳଣ ଅନୁଷ୍ଠିତ ହୋଇଥାଏ। ମେଳଣର ଥାନପତି ହରିଅଙ୍କ ସ୍ଥିତ ଦଧିବାମନଜୀଉଙ୍କ ବିମାନ ପଡ଼ିଆରେ ପ୍ରଥମେ ଉପବେଶନ କରିବା ପରେ ମେଳଣ ପଡ଼ିଆର ଚର୍ତୁପାଶ୍ୱର୍ରୁ ୬୦ ଗାଦି ବିମାନ ପାରମ୍ପରିକ ବାଜାବାଣ ରୋଷଣୀ ସହିତ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥାନ୍ତି। କଟକ ଜିଲ୍ଲା ବେଣିରାମପୁରର ଜମିଦାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ମେଳଣଟି ୨୪୦ ବର୍ଷ ହେବ ପାଳିତ ହୋଇ ଆସୁଛି। ପୂର୍ବରୁ ଜମିଦାରଙ୍କ ଦ୍ୱାରା ବିମାନ ସମ୍ମୁଖରେ ଭୋଗଲାଗି କରାଯାଉଥିବା ବେଳେ ଏବେ ଗ୍ରାମବାସୀମାନଙ୍କ ଦ୍ୱାରା ଏହି ମେଳଣ ପରିଚାଳିତ ହେଉଛି। ଏହି ମେଳଣଟି ଏହି ଅଞ୍ଚଳର ପ୍ରମୁଖ ମେଳଣ ହୋଇଥିବା ବେଳେ ଏହି ମେଳଣରେ ପଡ଼ୋଶୀ ଗରଦପୁର ଓ ମାର୍ଶାଘାଇ ବ୍ଲକର ବିଭିନ୍ନ ଅଞ୍ଚଳରୁ ବିମାନମାନ ଯୋଗ ଦେଉଥିବା ବେଳେ ଏହି ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ମେଳଣକୁ ଆସିଥାନ୍ତି। ଏହି ମେଳଣରେ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ୫୦୦ରୁ ଉର୍ଦ୍ଧ୍ୱ ଜଳଖିଆ, ଫାଷ୍ଟଫୁଡ଼, ଘରକରଣା ସାମଗ୍ରୀ, ପିଲାମାନଙ୍କ ଖେଳଣା ଦୋକାନ ଖୋଲାଯାଇଥିଲା। ଏହି ମେଳଣକୁ ସୁପରିଚାଳନା କରିବା ପାଇଁ ମାର୍ଫତଦାର ସୁଧାକର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥୀ, ସ୍ଥାନୀୟ ସରପଞ୍ଚ କନକଲତା ପ୍ରଧାନ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ବିଜୟ କୁମାର ପରିଡ଼ା, ପତିତପାବନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ସଦରଥାନା ଅଧିକାରୀ ସରୋଜ କୁମାର ସାହୁ ଓ ଚାନ୍ଦୋଳ ଫାଣ୍ଡି ପକ୍ଷରୁ ଫାଣ୍ଡି ଅଧିକାରୀ ପ୍ରତାପ କୁମାର ରଥ ନେତୃତ୍ୱରେ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିଥିଲେ।

## ଘାଟକୁଳ ଓ ସୋରିଷିଆ ମେଳଣ ଉଦ୍‌ଯାପିତ

**ଡେରାବିଶ, ୨୮।୩ (ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଗହଗା ଠାରେ ଘାଟକୁଳ ମେଳଣ ଗତକାଲି ବିଳମ୍ବିତ ରାତିରେ ଶେଷ ହୋଇଛି। ଏହି ମେଳଣରେ ଗାଦିଶ୍ୱର ଝିଙ୍କଡ଼ି ମଠ ବିମାନ ପ୍ରଥମେ ଉପବେଶନ କରିଥିଲେ। ପରେ ଗହଗା ଯୁବକସଂଘ ପଟ ରାସ୍ତା ବାଟ ଦେଇ ଦାନପୁରର ଅଞ୍ଚଳର ୯ଟି ବିମାନ, ବନ୍ଧପଡ଼ା, ହରିଅଙ୍କ ଅଞ୍ଚଳରୁ ୬ ଟି ବିମାନ, ନରସିଂହପୁର, ଗହଗା ଗ୍ରାମର ବିମାନ ପ୍ରବେଶ କରିଥିଲେ। ପରେ ନଦୀବନ୍ଧ ପଟୁ ପାରମ୍ପରିକ ବାଦ୍ୟ ସହିତ ଶୋଭାଯାତ୍ରା ମଧ୍ୟରେ ୬ଟି ବିମାନ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ଏହି ମେଳଣରେ ମୋଟ ୩୦ଟି ବିମାନ ଅଂଶଗ୍ରହଣ କରିଥିବା ବେଳେ ମେଳଣ କମିଟି ପକ୍ଷରୁ ସମସ୍ତ ବିମାନ ସମ୍ମୁଖରେ ଭୋଗଲାଗି କରାଯାଇଥିଲା। ପରେ ବିଳମ୍ବିତ ରାତିରେ ଏହି ମେଳଣ ସମାପନ ହୋଇଥିଲା। ସେହିପରି ବ୍ଲକ ଅନ୍ତର୍ଗତ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ସୋରିଷିଆ ଗ୍ରାମର ଅଜାଣେଶ୍ୱର ବଟ ମହାପୁରୁଷ ବିଜେସ୍ଥଳୀରେ ଗତକାଲି ରାତିରେ ଶାନ୍ତିଶୃଙ୍ଖଳା ସହ ମେଳଣ ସମ୍ପନ୍ନ ହୋଇଯାଇଛି। ପ୍ରଥମେ ମେଳଣର ଗାଦିଶ୍ୱର ମିର୍ଜାପୁର ମଠ ବିମାନ ମେଳଣ ପଡ଼ିଆରେ ଉପବେଶନ କରିବା ପରେ କ୍ରମାନ୍ୱୟରେ ଅନ୍ୟବିମାନମାନେ ପଡ଼ିଆର ବିଭିନ୍ନ ପାଶ୍ୱର୍ରେ ଥିବା ରାସ୍ତା ଦେଇ ପଟୁଆରରେ ଆସି ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ସମସ୍ତ ବିମାନ ମେଳଣ ପଡ଼ିଆରେ ଉପବେଶନ କରିବା ପରେ ମେଳଣ କମିଟି ପକ୍ଷରୁ ବିମାନ ମାନଙ୍କ ସମ୍ମୁଖରେ ଭୋଗଲାଗି କରାଯାଇଥିଲା। ଏହି ମେଳଣରେ ସ୍ଥାନୀୟ ଅଞ୍ଚଳର ୩୩ ଗୋଟି ବିମାନ ଯୋଗ ଦେଇଥିଲେ।



ମେଳଣ କମିଟିର ପରାମର୍ଶ ଅନୁଯାୟୀ ଡିଜେ ବାଦ୍ୟ ବଦଳରେ କେବଳ ସଙ୍କୀର୍ତ୍ତନ ଓ ପାରମ୍ପରିକ ବାଦ୍ୟ ବ୍ୟବହାର କରାଯାଇଥିଲା। ମେଳଣ ପରିଚାଳନା କମିଟି ତରଫରୁ ଶୁଭେନ୍ଦୁ ନାୟକ, ସଞ୍ଜୟ କେତନ ନାୟକ, ନାରାୟଣ ନାୟକ, ବୈଷ୍ଣବ ଲେଙ୍କା, ପ୍ରମୋଦ ନାୟକ, ଆଶୁତୋଷ ନାୟକ ପ୍ରମୁଖ ମେଳଣ ପରିଚାଳନା କରିଥିଲେ। ଏହି ଅବସରରେ ଅଜାଣେଶ୍ୱର ଯୁବକ ସଂଘ ପକ୍ଷରୁ ଦୁଇ ରାତି ଧରି ଯୁବକ ସଂଘ ସଦସ୍ୟମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ଉଭୟ ମେଳଣରେ ଶାନ୍ତିଶୃଙ୍ଖଳା ପାଇଁ କେନ୍ଦ୍ରାପଡ଼ା ସଦର ଥାନା ଓ ଚାନ୍ଦୋଳ ଫାଣ୍ଡି ପକ୍ଷରୁ ପୁଲିସ ମୁତୟନ କରାଯାଇଥିଲା।

ସକାଳ
THE SAKALA



## 'ଆମ ଗାଁ ଝିଅ ଅପୂର୍ବ ମିଳନ ପର୍ବ' କାର୍ଯ୍ୟକ୍ରମ



ରଘୁନାଥପୁର, ୨୮।୩ (ସମିସ): ଉତ୍ତରକୂଳ ପଞ୍ଚାୟତ ଅନ୍ତର୍ଗତ ଚମ୍ପା ଗ୍ରାମର ଚିତ୍ରୋତ୍ପଳା ନଦୀ କୂଳରେ ଗତ ବୁଧବାର ମହାପ୍ରଭୁ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ' ଆମ ଗାଁ ଝିଅ ଅପୂର୍ବ ମିଳନ ପର୍ବ' ଦମୟନ୍ତୀ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି।

ଉକ୍ତ ଉତ୍ସବରେ ଚମ୍ପା ଗ୍ରାମର ସମସ୍ତ ବିବାହିତ ଅବିବାହିତ ଗାଁ ଝିଅଙ୍କ ମହାମିଳନ ହୋଇଥିଲା।ଦୀର୍ଘ ୪୦ବର୍ଷ ବ୍ୟବଧାନରେ ପରସ୍ପରକୁ ଭେଟି ଗାଁ ଝିଅ ମାନେ ନିଜକୁ ହଜାଇ ଦେଇଥିଲେ।ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ ମାଲ୍ୟ ଅର୍ପଣ ସହ ଗାଁ ଝିଅ ଶୀର୍ଷକ ସ୍ୱାଗତ ସଙ୍ଗୀତ ସମସ୍ତଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା।ତତ୍ ସହିତ ଗାଁର କୁନି କୁନି କଳାକାରମାନଙ୍କର ନୃତ୍ୟ ପରିବେଷଣ ପରିବେଶକୁ ମୁଖରିତ କରି ଆସନ୍ତା ବର୍ଷ ଏ ଉତ୍ସବକୁ ଦୁଇ ଗୁଣିତ କରିବାକୁ ପଥ ପରିଷ୍କାର କରିଥିଲା।

● କେନ୍ଦ୍ର ସରକାରଙ୍କ ବୃହତ୍ ବନ୍ଦର କର୍ମଚାରୀଙ୍କ ପ୍ରତି ଅବହେଳା

# ବନ୍ଦର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ପାରାଦୀପ, ୨୮।୩ (ସମିସ)




କେନ୍ଦ୍ର ସରକାରଙ୍କ ବୃହତ୍ ବନ୍ଦର କର୍ମଚାରୀ ମାନଙ୍କ ପ୍ରତି ଚରମ ଅବହେଳାର ପ୍ରତିବାଦ କରି ବନ୍ଦର ଡକ ଶିଳ୍ପର କେନ୍ଦ୍ରୀୟ ଫେଡରେସନ ମାନଙ୍କ ଡାକରା ଦେଶର ସମସ୍ତ ବୃହତ୍ ବନ୍ଦର ମାନଙ୍କରେ ୨୭ ତାରିଖରେ ପ୍ରତିବାଦ ଦିବସ ପାଳନ କରାଯାଇଛି।ଏହି ଉପଲକ୍ଷେ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ବନ୍ଦର ବିଭିନ୍ନ ଶ୍ରମିକ ସଂଗଠନ ମାନଙ୍କ ପକ୍ଷରୁ ମିଳିତ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆଲୋଚନା ଅନୁଷ୍ଠିତ ହୋଇଥିଲା। ବିକ୍ଷୋଭକାରୀ କର୍ମଚାରୀମାନଙ୍କୁ ଭାଷଣ ଦେଇ ପାରାଦୀପ ବନ୍ଦର ଶ୍ରମିକ ସଂଘର ଉପସଭାପତି କୁଶ ଚରଣ ସୁତାର କହିଲେ ବନ୍ଦରର ୩ୟ ଏବଂ ୪ର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କର ଦରମା ନିର୍ଦ୍ଧାରଣ ସମୟ ଗତ ୧ ଜାନୁଆରୀ ୨୦୨୨ରୁ ଦୀର୍ଘ ୨୬ ମାସ ବିତିଯାଇଥିଲେ ହେଁ କେନ୍ଦ୍ର ସରକାରଙ୍କ ଚରମ ଅବହେଳା ଏବଂ ନକରାତ୍ମକ ମନୋଭାବ ଯୋଗୁଁ ଏ ପର୍ଯ୍ୟନ୍ତ ଦରମା ନିର୍ଦ୍ଧାରଣ ହୋଇ ପାରିଲା ନାହିଁ।ମଞ୍ଜୁରୀ ସଂକ୍ରାନ୍ତିୟ ଆଲୋଚନା ୮ ଥର ହୋଇଥିଲେ ହେଁ ସରକାରଙ୍କର ଶ୍ରମିକ ବିରୋଧୀ ସର୍ତ୍ତେ ଯୋଗୁଁ ସମ୍ଭବ ହୋଇ ପାରିନାହିଁ।ବନ୍ଦର ମାନଙ୍କରେ ପଣ୍ୟ କାରବାର ରେକର୍ଡ ପରିମାଣର ହେଉଥିଲେ ହେଁ ସରକାରଙ୍କର ଘରୋଇକରଣ ନୀତି ଯୋଗୁଁ ଏହାର ମୁନାଫା କମ୍ପାନୀମାନେ ପାଉଥିଲେ ହେଁ କର୍ମଚାରୀମାନଙ୍କର ଦରମା ନିର୍ଦ୍ଧାରଣ ହୋଇ ପାରୁନାହିଁ।ଠିକା ଶ୍ରମିକମାନେ ବିଭିନ୍ନ ବନ୍ଦରର ଅଧିକାଂଶ କାର୍ଯ୍ୟରେ ନିୟୋଜିତ ହୋଇଥିଲେ ସେମାନଙ୍କୁ ସର୍ବନିମ୍ନ ୨୬ ହଜାର ଟଙ୍କା ଦେବା ପାଇଁ ଫେଡରେସନମାନଙ୍କ ପକ୍ଷରୁ ଦାବି ହୋଇଛି।ସରକାର ବନ୍ଦର କର୍ମଚାରୀ ମାନଙ୍କର ନ୍ୟାୟୋଚିତ ଦାବି ପୂରଣ ନ କଲେ ଆଗାମୀ ଦିନରେ ଧର୍ମଘଟ ଭଳି ବୃହତ୍ତ ଆନ୍ଦୋଳନ ହେବ ବୋଲି ଆହ୍ୱାନ ଦେଇଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଶ୍ରମିକ ନେତା ଅନନ୍ତ କୁମାର ଦାସ, ରଞ୍ଜନ ବିଶ୍ୱାଳ ଓ ବହୁ ଶ୍ରମିକ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରମିକ ନେତା ଅଜୟ କୁମାର ବେହେରା, ଅକ୍ଷୟ କୁମାର ସାହୁ, ବ୍ରିଜେଶ ଲେଙ୍କା ଓ ଭଗବାନ ରାଉତଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଶ୍ରମିକ କର୍ମଚାରୀ ଏବଂ ପେନସନର ମାନେ ଏହି ବିକ୍ଷୋଭ ରେ ସାମିଲ ହୋଇଥିଲେ।

## ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ବିୟୋଗରେ ଶୋକସଭା



କୁଜଙ୍ଗ, ୨୮।୩(ସମିସ): ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ପରଲୋକରେ ଗୋପିଆକୁଦ ବାସୀଙ୍କ ପକ୍ଷରୁ ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରାଙ୍କ ବାସଭବନରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ବ୍ଲକ ଗୋପିଆକୁଦ ପଞ୍ଚାୟତରେ ପଞ୍ଚାୟତର ବିଜେଡି ସଭାପତି ପ୍ରକାଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଦିବଙ୍ଗତ ରାଜନେତା ଡାକ୍ତର ଦାମୋଦର ରାଉତଙ୍କ ପାଇଁ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଶୋକସଭାରେ ୩ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, ପ୍ରାଧାପକ ଅକ୍ଷୟ କୁମାର ପଲାଇ, ଯୁବ ବିଜେଡି ନେତା ବିଶ୍ୱନାଥ ପରିଡ଼ା, କହ୍ନେଇ ସ୍ୱାଇଁ, ମାନସ ରଞ୍ଜନ ପରିଡ଼ା, ନାରାୟଣ ରାଉତ, ଶତ୍ରୁଘ୍ନ ବେହେରା, ତ୍ରିଲୋଚନ ମୁଦୁଲି, ସର୍ବେଶ୍ୱର ତରାଇ, ବାଇନ ସ୍ୱାଇଁ, ବିକାଶ ଓଝା, ନାରାୟଣ ସ୍ୱାଇଁ, ସୁବାସ ତରାଇ, ଗଣେଶ ମଲିକ, ଗୋଲେଖ ମଲିକ ଓ ହେମନ୍ତ ପଲାଇ ପ୍ରମୁଖ ଶତାଧିକ ବିଜେଡି ନେତା, କର୍ମୀ ଓ ଦାମବାବୁଙ୍କୁ ଭଲପାଉଥିବା ବହୁ ମୁରବୀ ତାଙ୍କ ସହିତ ସ୍ମୃତିକୁ ସାଉଁଟିବା ସହ ରାଜନୀତିରେ ଯେଉଁ ଆଦର୍ଶ ସେ ଛାଡିଛନ୍ତି ତାହା ଭବିଷ୍ୟତ ପିଢୀକୁ ପଥ ପ୍ରଦର୍ଶନ କରିବ ବୋଲି କହିଥିଲେ।

ପ୍ରାରମ୍ଭରେ ନିରବ ପ୍ରାର୍ଥନା କରାଯିବା ସହ ଜଗନ୍ନାଥ ଦାସ, ବାବାଜୀ ମହାପାତ୍ର, ମଥୁରାନନ୍ଦ ପରିଡ଼ା, ନୃସିଂହ ମହାରଣା, ଯଦୁମଣି ଦାସ, ଶଙ୍କର ଦାସ ପ୍ରମୁଖ ବହୁ ଯୁବକ ଓ ମୁରବୀ ମାନେ ଉପସ୍ଥିତ ଥିଲେ।

## ମହାନଦୀରେ ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର

ତିର୍ତ୍ତୋଲ, ୨୮।୩(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ବାଲିପାଟଣା ନିକଟସ୍ଥ ମହାନଦୀରେ ଗତକାଲି ଅପରାହ୍ଣରେ ଗାଧୋଉଥିବାବେଳେ ନିଖୋଜ ହୋଇଥିବା କଲେଜ ଛାତ୍ର ଶ୍ରେୟାଂଶୁ ପୃଷ୍ଟି(୧୭)ଙ୍କ ଶବକୁ ଆଜି ସକାଳ ସମୟରେ ନାହାଙ୍ଗୁରି ନିକଟରେ ଠାବ କରାଯାଇଛି। ଓଡ୍ରାଫ ଟିମ୍ ଓ ଦମକଳ ବାହିନୀର କର୍ମଚାରୀ ମାନେ ଆଜି ସକାଳ ସମୟରେ ଘଟଣାସ୍ଥଳରୁ ଏକ କିମି ତଳକୁ ନାହାଙ୍ଗୁରି ନିକଟରେ ଶବକୁ ଠାବ କରିଥିଲେ। ପରେ ଶବକୁ ବ୍ୟବଛେଦ ପାଇଁ ଜଗତସିଂହପୁର ପଠାଯାଇଥିଲା। ବ୍ୟବଛେଦ ପରେ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ତରଜଙ୍ଗା ପଞ୍ଚାୟତ ବଫାପୁର ଗ୍ରାମର ସାମ୍ବାଦିକ ସୁଧାଂଶୁ ପୃଷ୍ଟିଙ୍କ ପୁତ୍ର ଶ୍ରେୟାଂଶୁ ବୁଧବାର ଅପରାହ୍ଣରେ ନିକଟସ୍ଥ ମହାନଦୀକୁ ଗାଧୋବାକୁ ଯାଇ ମହାନଦୀ ଜଳରେ ବୁଡିଯାଇ ନିଖୋଜ ହୋଇଯାଇଥିଲେ। ପରେ ଓଡ୍ରାଫ ଓ ଦମକଳ ବାହିନୀର ଟିମ ବୁଧବାର ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇନଥିଲେ। ଶ୍ରେୟାଂଶୁ ଜଣେ ମେଧାବୀ ଛାତ୍ର ହୋଇଥିବାବେଳେ ତାଙ୍କ ମୃତ୍ୟୁରେ ତରଜଙ୍ଗା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।



## ସର୍ପ ଦଂଶନରେ ମହିଷି ମୃତ

ବିରିଡି, ୨୮।୩ (ସମିସ) : ଶଙ୍ଖାରୀ ସାହି ନିକଟ ବିଲୁଆ ଖାଇ ନଦୀପଠାରେ ଗୋଠ ସହ ଚରୁଥିବା ଏକମହିଷିକୁ ବିଷାକ୍ତ ସର୍ପ ଦଂଶନ କରିବାରୁ ମହିଷିଟିର ମୃତୁ ଘଟିଛି। ମୃତ୍ୟୁ ବରଣ କରିଥିବା ମହିଷିଟି ସ୍ଥାନୀୟ ଶଙ୍ଖାରୀ ସାହି ଗ୍ରାମର ଅନୁଆ ବେହେରା ଙ୍କ ବୋଲି ସୂଚନା ମିଳିଛି। ମୃତ ମହିଷିର ଆନୁମାନିକ ମୂଲ୍ୟ ପ୍ରାୟ ୮୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ଘଟଣା ଘଟିବାପରେ ମହିଷିପାଳକ ଅନୁଆ ବେହେରା ତହସିଲଦାରଙ୍କୁ ଲିଖିତ ଜଣାଇଥିଲେ। ପରେ ଘଟଣାସ୍ଥଳରେ ପୂରଣ ଆରଆଇ ସୁନାକର ବେହେରା ପହଞ୍ଚି ତଦନ୍ତ କରି ରିପୋର୍ଟ କରିଥିବାବେଳେ ବିରିଡି ପ୍ରାଣୀ ଚିକିତ୍ସା ଅଧିକାରୀ ମନୋରଞ୍ଜନ ନନ୍ଦ ପହଞ୍ଚି ମୃତ ମହିଷିର ବ୍ୟବଛେଦ କରିଥିଲେ। ସୂଚନା ଯୋଗ୍ୟଯେ ଅନୁଆ ବେହେରା ମହିଷିଗୋଟା ଧରି ନଦୀ ପଠରେ ଚରାଉଥିଲେ ଏହି ସମୟରେ ଏକ ବିଷଧର ସାପ ମହିଷିଟିର ମୁହଁକୁ ଦଂଶନ କରିଥିଲା। ପରେ ଚିକିତ୍ସା କରାଯିବାସହ ଚେଷ୍ଟା କରାଯାଇଥିଲେ ମଧ ମହିଷିଟି ବଞ୍ଚି ନ ଥିଲା। ସୂଚନା ଯୋଗ୍ୟଯେ ଅନୁଆ ବେହେରା ମହିଷିପାଳନ କରି ନିଜର ପରିବାର ପ୍ରତିପୋଷଣ କରନ୍ତି।ମହିଷିଟି ମରିଯିବାରୁ ସେ ହତୋତ୍ସାହିତ ହୋଇପଡ଼ିଛନ୍ତି।



ସେଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାବେଳେ ଏହି ମହିଷି ପାଳନ କରି ପରିବାର ଚଳାଉଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସରପଞ୍ଚ ନିରଞ୍ଜନ ସେଠୀ, ସମାଜସେବୀ ଲିଙ୍ଗରାଜ ରାଉତରାୟ, କାହ୍ନୁଚରଣ ବେହେରା ପ୍ରମୁଖ ପ୍ରଶାସନ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

## କରତୁଠା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁଜଙ୍ଗ, ୨୮।୩(ସମିସ): କୁଜଙ୍ଗ ବ୍ଲକ ପାଟୁପର ପଞ୍ଚାୟତ କରତୁଠା ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଭାପତି ଡଃ କେଶବ ଚନ୍ଦ୍ର ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରବୀର କୁମାର ସାହାଣୀ, ସମାଜସେବୀ କିଶୋରୀ ଚରଣ ବେଉରା, ପାଟୁପର ସମିତି ସଭ୍ୟ ଜ୍ୟୋତି ପ୍ରକାଶ ପାଣି ଓ ଆଲୁମ୍ନି ସଭାପତି ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଏହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗୌରବମୟ ଅତୀତକୁ ସ୍ମରଣ କରିବା ସହ ଏହାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବୃତ୍ତି ପାଇଥିବା ଛାତ୍ରୀ ଶ୍ରେୟସୀ ନାୟକ ଓ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପାଇଥିବା ଛାତ୍ର ବିଶ୍ୱ ରଞ୍ଜନ ସୂତାରଙ୍କୁ ସ୍ୱତନ୍ତ୍ର ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମମତା ନାୟକ, ଶୁଭଦ୍ରା ସାମନ୍ତରାୟ ଓ ସସ୍ମିତା ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଝଙ୍କଡ଼ ସାରସ୍ୱତ ପରିଷଦର ବସନ୍ତ ଉତ୍ସବ

ତିର୍ତ୍ତୋଲ, ୨୮।୩(ସମିସ): ସାରସ୍ୱତ ଅନୁଷ୍ଠାନ ଝଙ୍କଡ ସାରସ୍ୱତ ପରିଷଦର ତିର୍ତ୍ତୋଲସ୍ଥ ବୃନ୍ଦାନଦୀ ବିହାର କାର୍ଯ୍ୟାଳୟରେ ପାରମ୍ପରିକ ରୀତିରେ ବସନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର କାର୍ଯ୍ୟକର୍ତ୍ତା ମହୁ, ମହକ ଓ ମହୋତ୍ସବର ଋତୁ ବସନ୍ତକୁ ସ୍ୱାଗତ ଜଣାଇବା ପାଇଁ ଏକାଠି ହୋଇଥିଲେ। ଏହି ଉପଲକ୍ଷେ ଏକ ସଭାରେ 'ନବ ବସନ୍ତ ସମୟ ନବ ବୃନ୍ଦାବନ ରସମୟ' ଶୀର୍ଷକ ଆଲୋଚନା କରାଯାଇଥିଲା। ପରିଷଦର ପ୍ରତିଷ୍ଠାତା ସଭାପତି ଡ.ପିତାମ୍ବର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ପୂର୍ବତନ ବ୍ୟାଙ୍କ ଅଧିକାରୀ ତଥା ସାହିତ୍ୟିକ ରମେଶ ଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ସୁବାସ ଚନ୍ଦ୍ର ମହାନ୍ତି, ପ୍ରାକ୍ତନ ଅଧିକାରୀ ଅଭୟ ମହାପାତ୍ର, ବିଶିଷ୍ଟ ଅତିଥି ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ନାରାୟଣ ନାୟକ, ସମ୍ମାନିତ ବକ୍ତା ସାରଦା-୭୦ର ସମ୍ପାଦକ ସୁରେନ୍ଦ୍ର ବେଉରା ଯୋଗଦେଇ କାବ୍ୟ ଶାସ୍ତ୍ରରେ ବସନ୍ତ ବିଷୟରେ ଆଲୋଚନା କରିଥିଲେ। ସଭ୍ୟ ଗୋପୀନାଥ ସାହୁ ଧନ୍ୟବାଦ ଦେଇଥିଲେ।



## ବିଜ୍ଞାନ ଅଲିମ୍ପିଆଡ୍‌ରେ ପଙ୍କପାଳ ବିଦ୍ୟାଭାରତୀର କୃତୀ ଛାତ୍ର ସମ୍ବର୍ଦ୍ଧିତ

କୁଜଙ୍ଗ, ୨୮।୧(ସମିସ): ସଫ୍ ପକ୍ଷରୁ ଜାତୀୟ ବିଜ୍ଞାନ ଅଲମ୍ପିଆଡ୍ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ କୁଜଙ୍ଗ ବ୍ଲକର ପଙ୍କପାଳ ସ୍ଥିତ ବିକେସିଏମ୍ ସ୍କୁଲ Oବିଦ୍ୟାଭାରତୀକୁ ଗତବର୍ଷମାନଙ୍କଠାରୁ ଅଧିକ ସଫଳତା ମିଳିଛି। ଚଳିତ ବର୍ଷ ବିଦ୍ୟାଳୟର ମୋଟ ୩୪ ଜଣ ଏହି ପ୍ରତିଯୋଗୀତାରେ ପଦକ ପାଇବାକୁ ମନୋନୀତ ହୋଇଥିବା ବେଳେ ୨୩ ଜଣ ବିଦ୍ୟାର୍ଥୀ ଏହି ପ୍ରତିଯୋଗୀତାରେ ପଦକ ହାସଲ କରିଛନ୍ତି। ୭ ଜଣଙ୍କୁ ସ୍ୱର୍ଣ୍ଣ ପଦକ ପାଇବାକୁ ଯୋଗ୍ୟ ହୋଇଛନ୍ତି। ସେପହିପରି ୧୪ ଜଣ ଛାତ୍ର ରୌପ୍ୟ ଓ ୨ ଜଣ ଛାତ୍ର ବ୍ରୋଞ୍ଜ ପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଗତ ବର୍ଷ ମାନଙ୍କ ତୁଳନାରେ ଏହି ବିଦ୍ୟାଳୟ ଚଳିତ ବର୍ଷ ଅଧିକ ସଫଳତା ହାସଲ କରିଛି। ସେହିପରି ୩୧ ଜଣ ଛାତ୍ର ରାଜ୍ୟସ୍ତରକୁ ମଧ ମନୋନୀତ ହୋଇଛନ୍ତି। ଏହି ନେଇ ବିଦ୍ୟାଳୟ ପକ୍ଷରୁ ଅଧକ୍ଷ ସୁନାକର ବିଶ୍ୱାଳଙ୍କ ପୌରୋହିତ୍ୟରେ ଏକ ସମାବେଶରେ ବିଦ୍ୟାଳୟର ମ୍ୟାନେଜିଂ ଟ୍ରଷ୍ଟି ଚୌଧୁରୀ ପଦ୍ମନାଭ ମିଶ୍ର, ଶିକ୍ଷା କମିଟିର ସଭାପତି ତଥା ସେବା ନିବୃତ୍ତ ସେନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖଙ୍କ ସହ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାମାନେ କୃତୀ ତଥା ସଫଳ ଛାତ୍ର ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ତିର୍ତ୍ତୋଲ, ୨୮।୩(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର-ଶଙ୍ଖେସର ପଞ୍ଚାୟତର ଡେରକଣାସ୍ଥିତ ଖଇଫୁଟା ବଟମହାପୁରୁଷ ପୀଠରେ ତ୍ରୟୋଦଶତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଆଞ୍ଚଳିକ ଜନକଲ୍ୟାଣ ସମିତି ଆନୁକୂଲ୍ୟରେ ଓ ଯଜ୍ଞର ପ୍ରଧାନ ଆଚାର୍ଯ୍ୟ ପଣ୍ଡିତ ନିରଞ୍ଜନ ଦାଶଙ୍କ ମାର୍ଗଦର୍ଶନରେ ଦୀର୍ଘ ୧୩ ବର୍ଷ ଧରି ଏହି ମହାଯଜ୍ଞ ଅନୁଷ୍ଠିତ ହୋଇ ଆସୁଛି। ବିଶ୍ୱଶାନ୍ତି ମହାଯଜ୍ଞର ବିଭିନ୍ନ ଦିବସର ସନ୍ଧ୍ୟାରେ ଇଂ ପ୍ରାର୍ଥସାରଥି ମହାନ୍ତି ପ୍ରାର୍ଥନାର ବକ୍ତା ଓ ଶିଶୁ ଅନନ୍ତ ଆଶ୍ରମର ପ୍ରତିଷ୍ଠାତା ପଦ୍ମଶ୍ରୀ ବାବା ବଳିଆଙ୍କ କୃପାପାତ୍ର ଶିଷ୍ୟ ଶ୍ରୀବାସ ଦାସ ସମେତ ଆଶ୍ରମର ବହୁ ସନ୍ୟାସୀ ଯୋଗଦେଇଥିଲେ। ଆଞ୍ଚଳିକ ଜନକଲ୍ୟାଣ ସମିତି ତରଫରୁ ପୂର୍ଣ୍ଣାହୁତି ସନ୍ଧ୍ୟାରେ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦର ସଭ୍ୟ ତଥା ଧର୍ମଜାଗରଣ ମଧ୍ୟଞ୍ଚ ଜିଲା ସଂଯୋଜକ ରାମାୟଣୀ ପଣ୍ଡିତ ଅଭୟ ଦାଶ(ବୁଲୁ ନନା) ପୌରୋହିତ୍ୟ କରିଥିଲେ। କର୍ତ୍ତା କର୍ତ୍ତୀ ଭାବେ ବିଜୟ କୁମାର ବିଶ୍ୱାଳ ଓ ଧରିତ୍ରୀ ବିଶ୍ୱାଳ କାର୍ଯ୍ୟ ତୁଲାଇଥିଲେ। ଅଜୟ ସାହୁ, ଉତ୍ତମ ସାହୁ, ଶରତ ସାହୁ, ଅନାମ ମହାନ୍ତି, ନୟନ ମହାପାତ୍ର, ନିରଞ୍ଜନ ଜେନା, ଅଶୋକ ମହାପାତ୍ର, ମୀନକେତନ ଦାସ, ବିରାଜ ମୋହନ ମହାପାତ୍ର, ଅରବିନ୍ଦ ମହାପାତ୍ର, ପ୍ରଦୀପ ମହାପାତ୍ର, ବଟକୃଷ୍ଣ ସାହୁ, ସୁବାଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ପୂଜକ ବାଙ୍କ ବିହାରୀ ଦାଶ ବଟମହାପୁରୁଷଙ୍କ ନିକଟରେ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ।

## ବାରଙ୍ଗ ନିକଟରୁ ଅସହାୟ ବୃଦ୍ଧା ଉଦ୍ଧାର

ଜଗତସିଂହପୁର, ୨୮।୩(ସମିସ): ଜିଲ୍ଲାର ପୁନଙ୍ଗସ୍ଥିତ ବାରଙ୍ଗ ଜଗନ୍ନାଥ ମନ୍ଦିର ନିକଟରୁ ଜଣେ ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଛି। ପରିଣତ ବୟସରେ ବୃଦ୍ଧାଙ୍କୁ ତାଙ୍କ ପରିବାର ଘରୁ ତଡିଦେଇଥିବା ସେ ପ୍ରକାଶ କରିଛନ୍ତି। ନିଜର କିଛି ପୁରୁଣା ପିନ୍ଧା ଲୁଗା ସହ ବାରଙ୍ଗ ବଜାରରେ ଏକ ଦୋକାନରେ ଭୋକ ଉପାସରେ ବସି ରହିଥିଲେ ବୃଦ୍ଧା ଜଣକ। ଏହି ବୟସ୍କା ବୃଦ୍ଧାଙ୍କ ସମ୍ପର୍କରେ ଖବର ପାଇ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରା ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅସହାୟ ବୃଦ୍ଧାଙ୍କ ଘର ତିର୍ତ୍ତୋଲ ଥାନା ଅର୍ନ୍ତଗତ କନକପୁର ମୂଳୁସିଂରେ ବୋଲି ଜଣା ପଡ଼ିଛି। ବୃଦ୍ଧାଙ୍କ ନାମ ଆୟୁସା ଖାତୁନ ବିବି। ତାଙ୍କୁ ପରିବାର ଲୋକେ ଘରୁ ତଡ଼ି ଦେଇଛନ୍ତି ବୋଲି ଆୟୁସା କହିଛନ୍ତି। ଏ ସମ୍ପର୍କରେ ଶ୍ରୀ ବେହେରା ପୁଲିସଙ୍କୁ ସୂଚନା ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ।ଏହି ବରିଷ୍ଠ ନାଗରିକଙ୍କ ପରିବାର ଲୋକଙ୍କୁ ଡକାଇ ପଚାରିବା ପରେ ପରିବାର ଲୋକଙ୍କୁ ତାଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି।

# 'ଆସ ଭେଟିବା ଆମ ପିଲାଙ୍କୁ' କାର୍ଯ୍ୟକ୍ରମ




ଜଗତସିଂହପୁର, ୨୮।୩ (ସମିସ)

ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍କୁଲ ପିଲାମାନଙ୍କୁ ନେଇ ଏକ ବୌଦ୍ଧିକ କାର୍ଯ୍ୟକ୍ରମ 'ଆସ ଭେଟିବା ଆମ ପିଲାଙ୍କୁ' ସ୍ଥାନୀୟ ଓଡିଶୋସ୍ଥିତ ଉଚ୍ଛବାନନ୍ଦ ବିଦ୍ୟାଳୟ ସମୂହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ କବିତା ଆବୃତ୍ତି ପ୍ରତିଯୋଗିତାରେ ପ୍ରାୟ ୧୮ ଜଣ ଛାତ୍ରୀ ଭାଗ ନେଇଥିଲେ। ଏଥିରେ ବିଚାରକ ଭାବେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିମାଇଁ ଚରଣ ଦାସ ଓ ଶିକ୍ଷକ ପ୍ରମୋଦ କୁମାର ନାୟକ ଯୋଗଦେଇ ଛଅଜଣ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ। ପରିଷଦର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସବିତାରାଣୀ ବେହେରା ଓ ଶିକ୍ଷୟିତ୍ରୀ ସବିତା ମହାନ୍ତି ପିଲାମାନଙ୍କୁ କବିତା ଆବୃତ୍ତି କରିବାର କୌଶଳ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ସରସ୍ୱତୀ ସେଠୀ, ଲକ୍ଷ୍ମୀପ୍ରିୟା ଦାସ, ବର୍ଷାପ୍ରିୟଦର୍ଶିନୀ ସାହୁ, ସନ୍ଧ୍ୟାରଣୀ ସାହୁ, ରୋଜାଲିନ୍ ମଲ୍ଲିକ ଓ ଆଦ୍ୟାଶା ପ୍ରିୟଦର୍ଶିନୀ ସାହୁଙ୍କୁ ପରିଷଦ ପକ୍ଷରୁ ମହାପୁରୁଷଙ୍କ ଜୀବନୀ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷକ ଅକ୍ଷୟ କୁମାର ଦଳେଇ ଧନ୍ୟବାଦ ଦେଇଥିଲେ।

## ଭିଜିଲାନ୍ସ ଜାଲରେ ରେଭିନ୍ୟୁ ସୁପରଭାଇଜର ଓ ଘରୋଇ ସହାୟକ

● ୪ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଲେ

● ଉଭୟଙ୍କ ପୈତୃକ ଘର ନୂଆପୋଖରୀ ଓ ଡଗରପଡ଼ାରେ ଚଢ଼ଉ

ଜଗତସିଂହପୁର/ପାରାଦୀପ, ୨୮।୩ (ସମିସ): ପାରାଦୀପର ସ୍ୱତନ୍ତ୍ର ଭୂ ଅର୍ଜନ କାର୍ଯ୍ୟାଳୟର ରେଭିନ୍ୟୁ ସୁପରଭାଇଜର ଗଣେଶ ମଲ୍ଲିକ ଓ ତାଙ୍କୁ ଲାଞ୍ଚ ଆଦାୟରେ ସାହାର୍ଯ୍ୟ କରୁଥିବା ଘରୋଇ ସହାୟକ କ୍ଷୀରୋଦ ରଥଙ୍କୁ ଭିଜିଲାନ୍ସ ପକ୍ଷରୁ ଗୁରୁବାର ଗିରଫ କରାଯାଇଛି। ନିଜ କାର୍ଯ୍ୟାଳୟ ନିକଟରେ ୪ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଉଭୟ ଧରାପଡ଼ିଛନ୍ତି। ସେମାନଙ୍କୁ ଗିରଫ କରାଯିବା ପରେ ଆଜି କୋର୍ଟ ଚାଲାଣ କରାଯାଇଛି।

ଭିଜିଲାନ୍ସ ବିଭାଗର ସୂଚନା ଅନୁସାରେ, ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ କାର୍ଯ୍ୟାଳୟର ରେଭିନ୍ୟୁ ସୁପରଭାଇଜର ଶ୍ରୀ ମଲ୍ଲିକ ଜନୈକ ଘରୋଇ ବ୍ୟକ୍ତିଙ୍କୁ ଭୂ ଅର୍ଜନ ବାବଦରେ ଅର୍ଥ ଦେବା ପାଇଁ ତାଙ୍କଠାରୁ ୪ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସମ୍ପର୍କରେ ସେ କଟକ ଭିଜିଲାନ୍ସ ବିଭାଗ ଏସପିଙ୍କ ସହିତ ଯୋଗାଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ଆଜି ଉକ୍ତ ବ୍ୟକ୍ତି ଟଙ୍କା ନେଇ ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟକୁ ଯାଇଥିଲେ। ରେଭିନ୍ୟୁ ସପରଭାଇଜର ଶ୍ରୀ ମଲ୍ଲିକଙ୍କ ନିର୍ଦ୍ଦେଶରେ ତାଙ୍କ ସହାୟକ ଶ୍ରୀ ରଥ କାର୍ଯ୍ୟାଳୟ ନିକଟ ରାସ୍ତାରେ ତାଙ୍କଠାରୁ ଉକ୍ତ ୪ହଜାର ଟଙ୍କା ନେଇଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀ ସେଠାରେ ପହଞ୍ଚି ଉକ୍ତ ୪ ହଜାର କେମିକାଲ ବୋଳା ଲାଞ୍ଚ ଟଙ୍କାକୁ ଜବତ କରିବା ସହିତ ରଙ୍ଗ ବୋଳା ହାତରେ ସେମାନଙ୍କୁ ଗିରଫ କରିଥିଲେ। ଏ ସମ୍ପର୍କରେ କଟକ ଭିଜିଲାନ୍ସ କେସ ନମ୍ବର ୭/୨୪ ରେ ମାମଲା ରୁଜୁ କରାଯାଇଛି। ଅଭିଯୋଗକୁ ଆଧାର କରି ଭିଜିଲାନ୍ସ ବିଭାଗ ପକ୍ଷରୁ ଶ୍ରୀ ମଲ୍ଲିକଙ୍କ ଘର ବାଲିକୁଦା ନୁଆପୋଖରୀ ଓ ଶ୍ରୀ ରଥଙ୍କ ଘର ତିର୍ତ୍ତୋଲ ଥାନା ଅନ୍ତର୍ଗତ ଡଗରପଡ଼ାରେ ଏକକାଳୀନ ଚଢାଉ କରାଯାଇ ଆୟ ବହିର୍ଭୁତ ସମ୍ପତ୍ତିର ଅନୁସନ୍ଧାନ କରାଯାଉଛି।

### ସ୍ୱଚ୍ଛ ଭାରତ ଯୋଜନାରେ ଦୁର୍ନୀତି ଅଭିଯୋଗ

# ପାଇଖାନା ଦେବାକୁ କହି ୩ ହଜାର ଲେଖାଏଁ ଆଦାୟ

**ଗରଦପୁର,୨୮।୩(ସମିସ):** ପ୍ରତି ଘରକୁ ମାଗଣା ପାଇଖାନା ଯୋଗାଇ ଦେବା ଯୋଜନାରେ ବ୍ୟାପକ ହରିଲୁଟ ନେଇ ଅଭିଯୋଗ ହୋଇଛି। ପାଇଖାନା ଦେବାକୁ କହି ଅର୍ଥ ହରିଲୁଟ କରି ନେଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସାଧାରଣ ଗରିବ, ଅସହାୟ ଲୋକଙ୍କଠାରୁ ଚଞ୍ଚକତା କରି ଲକ୍ଷ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଲୁଟିନେବା ପଛରେ ସମ୍ପୃକ୍ତ ଯନ୍ତ୍ରୀ ଓ କେତେଜଣ ମୁଷ୍ଟିମେୟଙ୍କ ପ୍ରଚ୍ଛନ୍ନ ହାତ ଥିବା ଅଭିଯୋଗ ହେଉଛି। ଏଥିସହ ସାଧାରଣ ଲୋକଙ୍କୁ ପାଇଖାନା ଯୋଜନାରେ ସାମିଲ କରା ନ ଯାଇ ସେମାନଙ୍କ ନାଁରେ ପାଇଖାନା ଯୋଜନା ଅର୍ଥ ୧୨ ହଜାର ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି। ଏପରିକି ମୃତ ବ୍ୟକ୍ତିଙ୍କ ନାଁରେ ମଧ୍ୟ ପାଇଖାନା ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଛି।

କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନାରେ ପ୍ରତ୍ୟେକ ଲୋକଙ୍କ ଘରେ ପାଇଖାନା ନିର୍ମାଣ ଓ ବ୍ୟବହାର ଲକ୍ଷ୍ୟରେ ମହତ ଯୋଜନା କେତେକ ଦୁର୍ନୀତିଖୋର ଅଧିକାରୀଙ୍କ ଯୋଗୁଁ ସାଧାରଣ ଗରିବ, ଅସହାୟଙ୍କୁ ଯୋଜନାରୁ ବଞ୍ଚିତ କରାଯାଇଛି। ଜିଲ୍ଲା ପରିମଳ ବିଭାଗ ପକ୍ଷରୁ ବାହ୍ୟ ମଳମୁକ୍ତ ନାମଫଳକ ଲଗାଇ ପ୍ରଶାସନ ପ୍ରମାଣିତ କରିଥିବାବେଳେ ବାସ୍ତବରେ ସାଧାରଣ ଲୋକେ ଲାଟିନ୍ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରୁନାହାନ୍ତି। ସାଧାରଣ ଗରିବ ମହିଳା ପୂର୍ବଭଳି ଖୋଲା ସ୍ଥାନରେ ମଳତ୍ୟାଗ କରୁଛନ୍ତି। ଘରେ ଘରେ ପାଇଖାନା ନିର୍ମାଣ ଓ ବ୍ୟବହାର ନିମନ୍ତେ ଜିଲ୍ଲା ପରିମଳ ବିଭାଗ ପ୍ରଚାର କରୁଛି। ସ୍ୱଚ୍ଛ ଭାରତ ମିଶନରେ ପରିବେଶ ସ୍ୱଚ୍ଛତା ଆଣିବାକୁ ସରକାରଙ୍କ ମହତ ଉଦ୍ଦେଶ୍ୟ ପ୍ରତ୍ୟେକଙ୍କୁ ଲାଟିନ୍ ଯୋଜନାରେ ସାମିଲ କରି ବାହ୍ୟ ମଳମୁକ୍ତ କରିବା ଲକ୍ଷ୍ୟ ବାସ୍ତବରେ କାର୍ଯ୍ୟକାରୀ ହୋଇ ନ ଥିବା ପ୍ରମାଣିତ କରୁଛି। ଘରକୁ ଘର ଯାଇ ଲୋକଙ୍କୁ ପ୍ରବର୍ତ୍ତାଇ ପାଇଖାନା ନିର୍ମାଣ ଓ ବ୍ୟବହାର ଉପରେ ସଚେତନ କରାଇବା କଥା। ହେଲେ ଚଞ୍ଚକତା କରି ଏହି ଟଙ୍କାକୁ ଆତ୍ମସାତ କରୁଥିବା ଅଭିଯୋଗ ହେଉଛି। ପାଇଖାନା ପାଇଁ ଲୋକଙ୍କୁ ୧୨ ହଜାର ଟଙ୍କା ମିଳୁଛି। ଦଲାଲ ଅଗ୍ରୀମ ୩ ହଜାର ଟଙ୍କା ଆଦାୟ କରିଛନ୍ତି। ତେବେ ବଳକା ୯ ହଜାର ଟଙ୍କାରେ କେମିତି ପାଇଖାନା ହୋଇପାରିବ, ସେନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ତେବେ ଆସୁଥିବା ପାଇଖାନା ଅର୍ଥ ରାଶିକୁ କିଭଳି ଆତ୍ମସାତ କରିହେବ, ସେନେଇ କିଛି ଦଲାଲ୍ ଓ ଦୁର୍ନୀତିଖୋର୍ ଅଧିକାରୀ କିଛି ସାଧାରଣ ପରିବାର ଲୋକଙ୍କଠୁ ବେଆଇନ ଅର୍ଥ ଆଦାୟ କରୁଥିବା ଘଟଣା ସାମ୍ନାକୁ ଆସିବା ପରେ ଅସଲ ମୁଖା ଖୋଲିଛି। କିଛିଦିନ ହେବ ଗରଦପୁର ବ୍ଲକର କିଛି ନିର୍ଦ୍ଦିଷ୍ଟ ପଞ୍ଚାୟତରେ ପାଇଖାନା ନ କରି ଆସୁଥିବା ଅର୍ଥ ରାଶି ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଇ ଦେବାକୁ କହି ୩ ହଜାର ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ସାଧାରଣରେ ଦାବି ହେଉଛି।

## ରକ୍ତଦାନ ଶିବିର; ୬୦ ୟୁନିଟ୍ ସଂଗୃହୀତ



**ମହାକାଳପଡା,୨୮।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ବତୀଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇଏମଟିଏସ ସଂସ୍ଥା ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଭାଗିତାରେ ଆୟୋଜିତ ଏହି ଶିବିରରେ ବତୀଘର ପଞ୍ଚାୟତର ମହିଳା ଓ ପୁରୁଷମାନେ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇଏମଟିଏସ୍‌ର କୋଷାଧ୍ୟକ୍ଷ ସୁମନ୍ତ ଦାସ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଶୁଭମରାଜ ତ୍ରିପାଠୀ, ଆୟୁସ ଡାକ୍ତର ସୁଦୀପ୍ତ ପାତ୍ର, ଫାର୍ମାସିଷ୍ଟ ସୁଭଦ୍ରା ପ୍ରିୟଦର୍ଶିନୀ ଶତପଥୀ, ଏଏନଏମ୍ ରୋଜାଲିନ ଜେନା, ଟେକ୍ନସିଆନ ମାନସ ମହାପାତ୍ର ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

ବତୀଘର ସରପଞ୍ଚ ଶିବାନୀ ବିଜୁଳି, ନନ୍ଦଲାଲ ପଲେଇ, ସପନ କୁମାର ପରମାଣିକ, ସୁରେନ୍ଦ୍ର ନାଥ ସେଠୀ, ଶୁଭଲକ୍ଷ୍ମୀ ବେହେରା, ରଶ୍ମିତା ସ୍ୱାଇଁ, ବିଜୟାଲକ୍ଷ୍ମୀ ବେହେରା ପ୍ରମୁଖ ରକ୍ତଦାନ କରିଥିଲେ। ଉକ୍ତ ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ବିଶ୍ୱ ଜଳ ଦିବସ ପାଳିତ

**ପଟ୍ଟାମୁଣ୍ଡାଇ,୨୮।୩(ସମିସ):** ଉତ୍କଳମଣି ନୋଡାଲ କ୍ଲଷ୍ଟର ଅଧୀନରେ ଥିବା ବଡ଼ପଡା ଉପ୍ରା ବିଦ୍ୟାଳୟ ପରିସରରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବଡପଡା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିରାକାର ସେଠୀ, ସିଆରସିସି ଏମଡି ମସିଉଲ୍ଲା, ପୂର୍ବତନ ପ୍ରଧାନ ଶିକ୍ଷକ ବିଧୁଭୂଷଣ ମହାନ୍ତି, ସ୍କୁଲ ପରିଚାଳନା କମିଟି ସଭାପତି ସତ୍ୟବ୍ରତ ରାଉତ ଓ ସହକାରୀ ଶିକ୍ଷକ କବି ଅନ୍ତର୍ଯ୍ୟାମୀ ବେଜ ଯୋଗଦେଇ ଜନଜୀବନ ପାଇଁ ଜଳର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ରଶ୍ମିରେଖା ମହାରଣା ଧନ୍ୟବାଦ ଦେଇଥିଲେ।

# ଯାଦବ ସମିତିର ବାର୍ଷିକ ବୈଠକ



**ବାଲିକୁଦା,୨୮।୩(ସମିସ):** ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ମଧ୍ୟସ୍ଥଳୀ ଐତିହାସିକ ପୀଠ ପାଳଧୂଆବନ୍ଧ ଦୋଳ ମେଲଣ ପଡିଆଠାରେ ଯାଦବ ସମିତିର ବାର୍ଷିକ ବୈଠକ ସଭାପତି ବାଇଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗୋପାଳ ସଂପ୍ରଦାୟର ଏହି ପ୍ରଥା ଏହି ଅଳକା କ୍ଷେତ୍ରଠାରେ ଅନୁଷ୍ଠିତ ହୋଇଆସୁଛି।ବର୍ଷକୁ ଥରେ ଏହି ସ୍ଥାନରେ ସମସ୍ତଙ୍କର ମିଳନ ଏବଂ ସଂପ୍ରଦାୟର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥାଏ। ଏହି ଐତିହ୍ୟ ପରମ୍ପରାକୁ ବଞ୍ଚାଇ ରଖିବାକୁ ସମସ୍ତ ଗୋପାଳ ଭାଇମାନଙ୍କର ସହଯୋଗ କାମନା କରିଥିଲେ। ପରେପରେ ଏହି ପରମ୍ପରାର ପାହାଡା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହରିଶପୁର ଅଞ୍ଚଳର ୧୨ଗୋଠ ରାମତୋଳ ଗୋଠ, ଓରଡାଙ୍ଗ ଗୋଠ, ଦରଡା ଗୋଠ, ଓଳାଷ ଗୋଠ, ରାହାଣ ଗୋଠ, କୋରଛନ୍ଦା ଗୋଠ, ବରହୂରା ଗୋଠ, ବରବେଦା ଆଉଁରୀ ଗୋଠ, ଗୋଡା ଗୋଠ, ପ୍ରଧାନଡିଆ ଗୋଠ, କାହାଳିଆ ଗୋଠ, ଜଅଁରା ଗୋଠ ଓ ବରିମୁଳ ଗୋଠ ପ୍ରଭୃତି ଗୋଠର ଗୋପାଳ ଭାଇମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ଏପ୍ରିଲ୍ ମାସରେ ଯାଦବ ସମିତିର ବାର୍ଷିକ ଉତ୍ସବ ଅବଧୂତ ଗାଦିବ୍ରହ୍ମଙ୍କ ପୀଠ ଯାଦବ ସମିତି ପ୍ରାଙ୍ଗଣରେ ପାଳଧୂଆବନ୍ଧଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ କରାଯାଇଛି।ଏହି କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ଦାସ, ରବୀନ୍ଦ୍ର ଦାସ, କେଶବ ଚନ୍ଦ୍ର ଦାସ, ବାବୁଲି ଦାସ, ଝାଟୁ ଦାସ, ବୈରାଗୀ ବେହେରା, ଉଦ୍ଧବ ଦାସ, ସୁବାସ ଚନ୍ଦ୍ର ଦାସ, ବାଇଧର ଦାସ, ରବୀନ୍ଦ୍ର ପ୍ରଧାନ, ମାୟାଧର ଦାସ, ଚଗଲି ଦାସ, ଜଟାଧାରୀ ଦାସ, କଳ୍ପତରୁ ଦାସ, ଅମୂଲ୍ୟ ଦାସ, ଜାପାନୀ ଦାସ ପ୍ରମୁଖଙ୍କ ସହିତ ଶତାଧିକ ଗୋପାଳ ଭାଇମାନେ ଯୋଗ ଦେଇଥିଲେ।

### ● ଓଡ଼ିଆ ଭାଷା ସାହିତ୍ୟରେ ସର୍ବୋଚ୍ଚ ନମ୍ବର

## ସମ୍ବର୍ଦ୍ଧିତ ହେବେ ୧୨ଟି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ

**ପାରାଦୀପ,୨୮।୩(ସମିସ):** ମାତୃଭୂମି ମାତୃ ଭାଷା ପ୍ରତି ବିମୁଖତାକୁ ଉପଲବ୍ଧି କରି ଉତ୍କଳ ସମ୍ମିଳନୀ ପାରାଦୀପ ଶିଳ୍ପାଞ୍ଚଳରେ ଥିବା ବାରଗୋଟି ଉଚ୍ଚ ବିଦ୍ୟାଳୟରୁ ପ୍ରତ୍ୟେକ ବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତି ଛାତ୍ରଛାତ୍ରୀ ଙ୍କୁ ସମ୍ବର୍ଦ୍ଧିତ କରିବାକୁ ନିଷ୍ପତ୍ତି ନେଇଛି।। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପ ଗୁଚ୍ଛ ସହିତ ଓଡ଼ିଆ ଶବ୍ଦକୋଷ ପ୍ରଦାନ କରାଯାଇ ଓଡ଼ିଆ ଭାଷା ପ୍ରତି ଶ୍ରଦ୍ଧାବାନ୍ ହେବାକୁ ପ୍ରୋତ୍ସାହିତ କରିବ। ଏତଦ୍ ବ୍ୟତୀତ 'ବନ୍ଦେ ଉତ୍କଳ ଜନନୀ 'କାର୍ଯ୍ୟକ୍ରମରେ ସ୍ୱରଚିତ ଉତ୍କଳ ଗୌରବ ମଧୁବାବୁ ,ଉତ୍କଳମଣି ଗୋପବନ୍ଧୁ, ବ୍ୟାସକବି ଫକୀରମୋହନ, ସାରଳା ମହାରାଜା କୃଷ୍ଣଚନ୍ଦ୍ର ଦେବ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ବା ଓଡ଼ିଶା ଉପରେ ଲେଖା କବିତା, ଗଳ୍ପ, ଜୀବନୀ ପାଠ କରାଯିବ, ଏବଂ ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ଉତ୍କଳ ସମ୍ମିଳନୀ ପାରାଦୀପର ସଭାପତି ଧ୍ରୁବ ଚରଣ ମହାପାତ୍ର ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମ ଏପ୍ରିଲ ପହିଲା ୧୨୨ତମ ଉତ୍କଳ ଦିବସ ଅବସରରେ ପାରାଦୀପ ମଧୁବନ ଆମ୍ବେଦକର ଭବନରେ ଅନୁଷ୍ଠିତ ହେବ।

## ଉତ୍କଳ ଦିବସ ପ୍ରସ୍ତୁତି ବୈଠକ

**ପଟ୍ଟାମୁଣ୍ଡାଇ,୨୮।୩(ସମିସ):** ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଆସନ୍ତା ଏପ୍ରିଲ ୧ ତାରିଖରେ ପବିତ୍ର ଉତ୍କଳ ଦିବସ ସମାରୋହରେ ପାଳନ କରାଯିବ। ଏଥିନିମନ୍ତେ ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ବୈଠକ ସଭାପତି ଗୋପୀବଲ୍ଲଭ ନାୟକଙ୍କ ପୌରୋହିତ୍ୟରେ ସ୍ଥାନୀୟ ପଟ୍ଟାମୁଣ୍ଡାଇ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଗୋପୀନାଥ ତ୍ରିପାଠୀ ବୈଠକରେ କାର୍ଯ୍ୟକ୍ରମର ରୂପରେଖ, ଅତିଥି ଓ ବକ୍ତାଙ୍କୁ ଆମନ୍ତ୍ରଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ବରିଷ୍ଠ ସଦସ୍ୟ ବିଜୟ ସାହୁ, ସୁରେଶ ଚନ୍ଦ୍ର ଜେନା, ଚିତ୍ତରଞ୍ଜନ ମଲ୍ଲିକ, ସଚିତ୍ର କୁମାର ବେହୁରା, ଶ୍ରୀଧର ରାଉତ, ସାମ୍ବାଦିକ ଅନୀଲ ଚୌଧୁରୀ, ବାରେଣୀ ସେଠୀ, ବିଜୟ କବି, ସୁଶୀଲ ପରିଡା, ମିଟୁ ମନୋଜ ନାୟକ, ଆଡ଼ଭୋକେଟ ପ୍ରମୋଦ ସାହୁ, ଚନ୍ଦନ ପାତ୍ର, କୃପାସିନ୍ଧୁ ନାୟକ, ଶରତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ହେନ୍ତାଳ ବଣ ସୃଷ୍ଟି ପାଇଁ ପ୍ରୟାସ



**ପାରାଦୀପ, ୨୮।୩ (ସମିସ):** ବୃକ୍ଷ ହିଁ ଜୀବନ। ସମଗ୍ର ଜୀବଜଗତର ସୁରକ୍ଷା ପାଇଁ ହେନ୍ତାଳ ବଣ ହିଁ ଏକମାତ୍ର ବିକଳ୍ପ। ପୂର୍ବରୁ ଓଡ଼ିଶାର ୪୮୦ କିଲୋମିଟର ବ୍ୟାପି ସମୁଦ୍ର କୂଳ ଓ ସମୁଦ୍ରକୁ ଲାଗି ରହିଥିବା ନଦୀରେ ରହିଥିଲା ବିସ୍ତିର୍ଣ୍ଣ ହେନ୍ତାଳ ବଣ। ଯାହା ବାତ୍ୟା, ବନ୍ୟା ଓ ସାମୁଦ୍ରିକ ଢେଉକୁ ପ୍ରତିହତ କରିବାରେ ସହାୟକ ହେଉଥିଲା। ଏବେ ଏହି ହେନ୍ତାଳ ବଣ ବିଲୁପ୍ତ ହେବାରେ ଲାଗିଛି। ଯାହାକୁ ଦୃଷ୍ଟିରେ ରଖି ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନୀଳଚକ୍ର ୟୁଥ କ୍ଲବ ପକ୍ଷରୁ ହେନ୍ତାଳ ବଣ ସୃଷ୍ଟି କରିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି।

ଗୁରୁବାର ପାରାଦୀପସ୍ଥ କାଉଡିଆ ନଦୀ କୂଳରେ ହେନ୍ତାଳ ବଣ ସୃଷ୍ଟି ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏ ଅବସରରେ ନୀଳଚକ୍ର ୟୁଥ କ୍ଲବର ସଭାପତି ଦେବ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ପୌରପରିଷଦ ଉପାଧ୍ୟକ୍ଷା ଛବିଳତା ରାଉତ, ପରିବେଶବିତ ଇଂ. ଅମରେଶ ନରେଶ ସାମନ୍ତ, ବିଶ୍ୱଭୂଷଣ ରାଉତରାୟ, ସମୀର କୁମାର ସାହୁ ଓ ଲୋକନାଥ ବେହେରା ପ୍ରମୁଖ ଯୋଗଦେଇ ହେନ୍ତାଳ ବଣର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଗଠନର ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତ୍ରିନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମଧୁସ୍ମିତା ସାମଲ, ରୋଜାଲିନ ମହାନ୍ତି, ଗୀତାଞ୍ଜଳି ନାୟକ, ପ୍ରତୀମା ବେହେରା, ମାନିନୀ ବେହେରା ଓ ସାବିତ୍ରୀ ବେହେରା ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାଉଡିଆ ନଦୀର ଅଠରବାଙ୍କି ପୋଲ ନିକଟରୁ ମହାନଦୀ ମୁହାଣ ପର୍ଯ୍ୟନ୍ତ ପାଖାପାଖି ୭ କିଲୋମିଟରର ଉଭୟ ପାର୍ଶ୍ୱରେ ସିନ୍ଦୁକା, ରାଇ, ଗରଣୀ, ବହ୍ନି ପ୍ରଜାତିର ଗଛ ଲଗାଇବା ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ସମୁଦ୍ରରେ ଭଟ୍ଟା ସମୟରେ କ୍ଲବର ସଦସ୍ୟ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟଙ୍କ ସହଯୋଗରେ ବୃକ୍ଷ ରୋପଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ମନ୍ତ୍ରୀ ଅତନୁଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା



**ମାର୍ଶାଘାଇ,୨୮।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ସମବାୟ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁସବ୍ୟସାଚୀ ନାୟକଙ୍କୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ପୁର୍ନବାର ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା ହେବାରେ ସମଗ୍ର ନିର୍ବାଚନ ମଣ୍ଡଳୀର ବିଜେଡ଼ି ଶିବିରରେ ଉତ୍ସାହ ଦେଖାଦେଇଛି। ମହାକାଳପଡ଼ାରେ କ୍ରମାଗତଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସ୍ଥା ପ୍ରକଟ କରିଥିବାରୁ ଶ୍ରୀ ନାୟକ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ନିର୍ବାଚନରେ ସରକାରଙ୍କ ବିକାଶ ଯୋଜନାକୁ ନିର୍ବାଚନରେ ପ୍ରମୁଖ ଅସ୍ତ୍ର କରିବା ସହ ସୁଖଦୁଃଖରେ ସାଧାରଣଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସମସ୍ତପ୍ରକାର ସହାୟତା ଯୋଗାଇଥିବାରୁ ଅଞ୍ଚଳବାସୀ ବିଜେଡି ସପକ୍ଷରେ ରହିଥିବା ପ୍ରକାଶ କରିଥିଲେ।

**ନିର୍ବାଚନମଣ୍ଡଳୀରେ ଉତ୍ସାହ**

ରାଜ୍ୟ ରାଜନୀତି ଚର୍ଚ୍ଚିତ ଚେହେରା ଭାବେ ପରିଚିତ ଅତନୁ ସବ୍ୟସାଚୀ ରାଜନୈତିକ ମଇଦାନରେ ସଠିକ ସମୟରେ ଗେମ୍‌ଚେଞ୍ଜର ଭାବେ ଜଣାଶୁଣା ଚେହେରା ପାଲଟିଛନ୍ତି। ୨୦୦୪ ମସିହାରୁ ପାଟକୁରା ନିର୍ବାଚନ ମଣ୍ଡଳୀରେ ପ୍ରଥମେ ରାଜନୀତିକ କ୍ୟାରିୟର ଆରମ୍ଭ କରି ମନ୍ତ୍ରୀ ଅତନୁ ସବ୍ୟସାଚୀ ପୂର୍ବତନମନ୍ତ୍ରୀ ବିଜୟ ମହାପାତ୍ରଙ୍କୁ ପରାସ୍ତକରି ମନ୍ତ୍ରୀ ଶ୍ରୀ ନାୟକ ରାଜନୀତିରେ ପଛକୁ ଫେରିନାହାନ୍ତି। ନୂତନ ନିର୍ବାଚନମଣ୍ଡଳୀଭାବେ ମହାକାଳପଡ଼ା ଗଠିତ ହେବାପରେ କ୍ରମାଗତ ଭାବେ ବିଧାୟକ ଭାବେ ହାଟ୍ରିକ୍ ବିଜୟୀ ହୋଇଛନ୍ତି। ୨୦୨୪ନିର୍ବାଚନ ୪ର୍ଥ ପାଳିରେ ବିଜେଡ଼ି ପ୍ରାର୍ଥୀ ଭାବେ ମନ୍ତ୍ରୀ ଶ୍ରୀ ନାୟକ ଘୋଷଣା କରିବାପରେ ପ୍ରତିଦ୍ୱନ୍ଦ୍ୱୀ ବିଜେପି ଓ କଂଗ୍ରେସ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ବିଜେଡ଼ିପ୍ରାର୍ଥୀ ଅତନୁଙ୍କୁ ମଇଦାନରେ କିଏ ଟକ୍କର ଦେବ ତାହା ସମୟ କହିବ ବୋଲି ଚର୍ଚ୍ଚା ହେଉଛି।

## ନିଆରା ଢଙ୍ଗରେ ହୋଲି ପାଳିତ



**କେନ୍ଦ୍ରାପଡ଼ା,୨୮।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ତୁଳସୀକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନିଆରା ହୋଲି ଉତ୍ସବ ପାଳନ କରାଯାଇଛି। କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ପକ୍ଷରୁ ଦୃଷ୍ଟିହୀନ ବିଦ୍ୟାଳୟର ଦିବ୍ୟାଙ୍ଗ ପିଲାଙ୍କ ସହିତ ଧୁମଧାମରେ ରଙ୍ଗର ପର୍ବ ହୋଲି ପାଳନ କରାଯାଇଛି। ଅନୁଷ୍ଠାନର କୋଷାଧକ୍ଷ ରଶ୍ମିତା ପରିଡାଙ୍କ ଜନ୍ମଦିନ ହୋଇଥିବାରୁ କେକ୍ କାଟିବା ସହିତ ଅଭିର ଖେଳି ହୋଲି ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଳୟ ଦାସ, ବାପି ଗୋଛାୟତ, ରଶ୍ମିତା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ମୃତ ସ୍ୱାମୀଙ୍କ ପେନ୍‌ସନ୍ ପାଇଁ ୯୩ ବର୍ଷର ବୃଦ୍ଧାଙ୍କ ଲଢ଼େଇ

**କେନ୍ଦ୍ରାପଡ଼ା,୨୮।୩(ସମିସ):** ସ୍ୱାମୀଙ୍କ ମୃତ୍ୟୁର ଦୀର୍ଘଦିନ ପରେ ପେନସନ ପାଇଁ ଆଜି ଲଢେଇ ଜାରି ରଖିଛନ୍ତି। ନିଜେ ଭଲ ଭାବେ ଚାଲି ପାରୁନାହାନ୍ତି କି ଭଲ କରି ଶୁଣି ପାରୁନାହାନ୍ତି। ତେବେ ସେ ନ୍ୟାୟ ପାଇବା ପାଇଁ କୋର୍ଟର କାଠଗଡ଼ାରେ ଛିଡା ହେବାକୁ ପ୍ରସ୍ତୁତ ହୋଇଛନ୍ତି। ଦୀର୍ଘ ୪୬ ବର୍ଷର ଲଢେଇ ପରେ ଗତ ୨୨ ତାରିଖ ଦିନ ଉଚ୍ଚ ନ୍ୟାୟାଳୟ ତାଙ୍କୁ ଏକମାସ ସମୟ ମଧ୍ୟରେ ପେନସନ ଓ ଏରିଅର ଟଙ୍କା ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ପରେ ମୁହଁରେ ହସ ଖେଳିଛି ବୃଦ୍ଧା ମାଉସୀଙ୍କର। ଅନ୍ୟପଟେ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ଲୋଡିଥିଲେ ସୁଦ୍ଧା ସେ ଏନେଇ କୌଣସି ମତାମତ ଦେବାକୁ ଅମଙ୍ଗ ହେବା ବାସ୍ତବିକ ମହିଳା ଜଣଙ୍କ ନ୍ୟାୟ ପାଇବେ କି ନାହିଁ ସେନେଇ ଏବେ ସନ୍ଦେହ ବଢୁଛି। ସେ ହେଉଛନ୍ତି ହାର ସାହୁ। ବୟସ ୯୩ ବର୍ଷ।

ବୟସର ଅସ୍ତଗାମୀ ସମୟରେ ଶିକ୍ଷା ବିଭାଗ, ଜିଲ୍ଲା ପ୍ରଶାସନ ବିରୋଧରେ ନ୍ୟାୟିକ ଲଢେଇ ଲଢ଼ି ଏବେ ବିଜୟୀ ହୋଇଛନ୍ତି ସତ, ଏଯାବତ ପ୍ରାପ୍ୟ ମିଳିନି। ଯେଉଁଥିପାଇଁ ବାରମ୍ବାର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଉଛନ୍ତି ସିନା ତାଙ୍କ ପ୍ରାର୍ଥନାକୁ ଅତୀତରେ କର୍ଣ୍ଣପାତ କରିଥିଲା ଜିଲ୍ଲା ପ୍ରଶାସନ। ଏବେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଭ୍ରୂକ୍ଷେପ କରୁଛି ଜିଲ୍ଲା ପ୍ରଶାସନ। ବାଧ୍ୟହୋଇ ଅଦାଲତ ଅବମାନନା କେଶ କରି ଏବେ ପୁନଃ ନିର୍ଦ୍ଦେଶ ଜିଲ୍ଲା ପ୍ରଶାସନ ପାଇଛି।

ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ପଲେଇ ପଞ୍ଚାୟତର ପଲେଇ ଗାଁ (କନ୍ଦରପୁର)ର ବେଣୁଧର ସାହୁ ଶିକ୍ଷକ ଭାବେ ତାଙ୍କର ଚାକିରି ଜୀବନ କେନ୍ଦ୍ରାପଡା ବ୍ଲକସ୍ଥ ଦୁହୁରିଆର ରତ୍ନାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୯୭୧ରେ ଆରମ୍ଭ କରିଥିଲେ। ସେ ସମୟରେ ତାଙ୍କର ଦରମା ମାସିକ ୮୦ ଟଙ୍କା ଥିଲା। ୧୯୭୭ରେ ବେଣୁଧରଙ୍କୁ ୫୩ ବର୍ଷ ବୟସ ହୋଇଥିବାବେଳେ ତାଙ୍କର ଆକସ୍ମିକ ମୃତ୍ୟୁ ହୋଇଥିଲା। ତପ୍ରେ ବେଣୁଧରଙ୍କ ପତ୍ନୀ ହାର ସାହୁ ସ୍ୱାମୀଙ୍କ ମୃତ୍ୟୁ ପରେ ପେନସନ ପାଇଁ ତତ୍କାଳୀନ କଟକ ସିଆଇ ଅଫିସ ଦୌଡ଼ିଥିଲେ ହେଁ ନିରାଶ ହେବାକୁ ପଡିଥିଲା। ପରେ ୨୦୦୦ରୁ ଏଯାବତ ବିଭିନ୍ନ ଫୋରମରେ ସ୍ୱାମୀଙ୍କ ପେନସନ ପାଇବା ପାଇଁ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ ସୁଦ୍ଧା ତାଙ୍କୁ କୌଣସି ସୁଫଳ ମିଳି ନ ପାରିବାରୁ ବାଧହୋଇ ୨୦୨୩ରେ ହାର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଏହି ବୃଦ୍ଧାଙ୍କ ବୟସକୁ ବିଚାରକୁ ନେଇ ଏହି ମାମଲାକୁ ହାଇବ୍ରିଡ଼ ମୋଡ଼ରେ ଶୁଣାଣି କରି ଗତବର୍ଷ ନଭେମ୍ବର ୧୫ ତାରିଖରେ ହାରାଙ୍କୁ ସ୍ୱାମୀଙ୍କ ମୃତ୍ୟୁ ପରର ଏରିଅର ଟଙ୍କା ଓ ପେନସନ ୨ ମାସ ସମୟସୀମା ମଧ୍ୟରେ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତେବେ କୋର୍ଟଙ୍କ ନିର୍ଦ୍ଦେଶକୁ ଜିଲ୍ଲା ପ୍ରଶାସନ ଅବମାନନା କରି ହାରଙ୍କୁ ତାଙ୍କର ପ୍ରାପ୍ୟ ନ ଦେବାରୁ ପୁନରାୟ ବୃଦ୍ଧା ଜଣଙ୍କ ଜିଲ୍ଲା ପ୍ରଶାସନ ବିରୋଧରେ ଅଦାଲତ ଅବମାନନା ମାମଲା କରିବାରୁ ହାଇକୋର୍ଟ ଗତ ୨୨ ତାରିଖ ଦିନ ଏକମାସ ମଧ୍ୟରେ ଜିଲ୍ଲା ପ୍ରଶାସନ ଶ୍ରୀମତୀ ସାହୁଙ୍କୁ ସମସ୍ତ ପ୍ରାପ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଜଣେ ୯୩ ବର୍ଷୀୟ ବୃଦ୍ଧାଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରିବା ପରିବର୍ତ୍ତେ ବାରମ୍ବାର ମାନସିକ ନିର୍ଯ୍ୟାତନା ଦେଇଥିବାରୁ ବରିଷ୍ଠ ନାଗରିକ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ମତ ପ୍ରକାଶ ପାଇଛି।



